# ରାୟଗଡ଼ା ଜିଲ୍ଲା: ଫେଲ୍ ମାରିଛି ସୁନେତ୍ର ଯୋଜନା

- ୫ ବର୍ଷରେ ବଣ୍ଟା ନ ହୋଇ ପଡ଼ିରହିଛି ୧୦୯୭ ଚଷମା
- ଚଷମା ପାଇଁ ଆବେଦନକଲେ ବର୍ଷକ ପରେ ଆସୁଛି
- ଲୋକେ ଖର୍ଚ୍ଚାନ୍ତ ହୋଇ ବାହାରେ କରୁଛନ୍ତି ଚଷମା

ରାୟଗଡ଼ା,୬।୯(ଭାଗ୍ୟଶ୍ରୀ ମିଶ୍ର )

ଚକ୍ଷୁ ପରୀକ୍ଷା ଓ ଆବଶ୍ୟକ ସେବା ଯୋଗାଇଦେବା ପାଇଁ ୨୦୧୯ରୁ ରାୟଗଡ଼ା ଜିଲାରେ ସୁନେତ୍ର ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏହି ଯୋଜନା ମାଧ୍ୟମରେ ସହାୟକଙ୍କ ସମେତ ବିଭିନ୍ନ ସ୍ୱାସ୍ଥ୍ୟ ବିଭାଗର ଟିମ୍ ଗ୍ରାମାଞ୍ଚଳକୁ ଯାଇ ଶିଶୁଙ୍କଠାରୁ ଆରମ୍ଭକରି ବୃଦ୍ଧାବୃଦ୍ଧ ପର୍ଯ୍ୟନ୍ତ ସମସ୍ତଙ୍କ ଚକ୍ଷୁ ପରୀକ୍ଷା କରାଯାଇ ଯାହାର ପରଳ ଦୋଷ ରହିଛି ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣି ଅସ୍ତ୍ରୋପଚାର କରାଯିବ। ଯେଉଁମାନଙ୍କର ଚଷମାର ଆବଶ୍ୟକତା ରହିଛି ସେମାନଙ୍କୁ ମାଗଣାରେ ଚଷମା ପ୍ରଦାନ କରାଇବାର ବ୍ୟବସ୍ଥା ରହିଛି। ହେଲେ ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲାରେ ଏହି ଯୋଜନା ଫେଲ୍ ମାରିଥିବା ଅଭିଯୋଗ ହୋଇଛି। ଲୋକେ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଚକ୍ଷୁ ପରୀକ୍ଷା ପାଇଁ ଆସୁଥିବାବେଳେ ଡାକ୍ତର ମଧ୍ୟ ଆବଶ୍ୟକତା ଅନୁଯାୟୀ ଚଷମା ଲେଖିଥାନ୍ତି। ଏଥିସହ ଚିକିତ୍ସାଳୟରେ ଲୋକେ କିପରି ସହଜ ସୁବିଧାରେ ଚଷମା ପାଇବେ ସେଥିପାଇଁ ଅଧିକାରୀମାନେ ମଧ୍ୟ ନିୟୋଜିତ ହୋଇଛନ୍ତି। ହେଲେ ଲୋକଙ୍କୁ ଠିକ୍ ସମୟରେ ଚଷମା ମିଳୁ ନ ଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଗତ ୫ ବର୍ଷରେ ୧୦୯୭ ଚଷମା ବଣ୍ଟା ନ ହୋଇ ଖତ ଖାଉଥିବା ଦେଖିବାକୁ ମିଳିଛି। ସାମାନ୍ୟ ପରିଚାଳନାଗତ ତ୍ରୁଟି ଯୋଗୁ ଗରିବ ଲୋକ ସୁବିଧା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି।

ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ୨୦୧୯-୨୦ ମସିହାରେ ୧୧୦୭ ଚଷମାର ଆବଶ୍ୟକତା ଥିବା ମେଡିକାଲ ପକ୍ଷରୁ ବରାଦ କରାଯାଇଥିଲା। ସେଥିରୁ ୮୬୧ ଚଷମା ବଣ୍ଟନ କରାଯାଇଥିବାବେଳେ ୨୪୬ ଚଷମା ବଣ୍ଟା ନ ଯାଇ ପଡ଼ିରହିଛି। ସେହିପରି ୨୦୨୦-୨୧ରେ ୬୪୯ ଚଷମା ଆବଶ୍ୟକ ଥିବା ମେଡିକାଲ ପକ୍ଷରୁ କୁହାଯାଇଥିଲା। ସେଥିରୁ ୪୯୮ ଚଷମା ବଣ୍ଟାଯାଇଥିବାବେଳେ ୧୫୧ ବଳକା ଚଷମା ମେଡିକାଲରେ ପଡ଼ି ରହିଛି । ୨୦୨୧-୨୨ରେ ବରାଦ ଅନୁଯାୟୀ ୧୨୩୬ ଚଷମା ମେଡିକାଲକୁ ଆସିଥିବାବେଳେ ସେଥିରୁ ୮୦୬ ଚଷମା ବଣ୍ଟନ କରାଯାଇଛି ଏବଂ ୩୦୮ ବଣ୍ଟା ନ ହୋଇ ପଡିରହିଛି । ସେହିପରି ୨୦୨୨-୨୩ରେ ୭୭୦ଜଣଙ୍କର ଚଷମା ଆବଶ୍ୟକ ଥିବାବେଳେ ୩୭୮ ଚଷମା ବଣ୍ଟନ କରାଯାଇଛି ଏବଂ ୩୯୨ ଚଷମା ମେଡିକାଲରେ ପଡ଼ି ରହିଥିବା ଜଣାପଡିଛି। ସମଗ୍ର ରାୟଗଡ଼ା ଜିଲାକୁ କେତେ ଚଷମା ରାଜ୍ୟସ୍ତରରୁ ଆସୁଛି ତାହାର ହିସାବ କାହା ପାଖରେ ନାହିଁ ବୋଲି ବୁଦ୍ଧିଜୀବୀ କହିଛନ୍ତି। ମେଡିକାଲ ସମ୍ମୁଖରେ ଥିବା ଚଷମା ଦୋକାନରେ ବରାଦ ଦେଲେ ୧ ଘଣ୍ଟା ମଧ୍ୟରେ ଚଷମା ମିଳୁଥିବାବେଳେ ସରକାରୀ ମେଡିକାଲରେ ଚଷମା ପାଇଁ ଆବେଦନ କଲେ ବର୍ଷକରୁ ଅଧିକ ସମୟ ଲାଗୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଚେନ୍ନାଇସ୍ଥିତ ଏକ ଘରୋଇ ସଂସ୍ଥା ମାଧ୍ୟମରେ ଜିଲାକୁ ଚଷମା ଆସୁଥିବାରୁ ଚଷମା ଆସିବାରେ ବିଳମ୍ବ ହେଉଥିବା ମେଡିକାଲ କର୍ତ୍ତୃପକ୍ଷ କହିଛନ୍ତି। ଚଷମା ଆସିବା ପରେ ଲୋକଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କରି କିଏ ଡାକିବ ତାକୁ ନେଇ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଲାଗି ରହିଛି। ଲୋକେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସି ଚଷମା ଆସିଲାଣି କି ନାହିଁ ବାରମ୍ବାର ବୁଝୁଥିଲେ ମଧ୍ୟ ଚଷମା ଆସିନି ବୋଲି କହି କର୍ତ୍ତୃପକ୍ଷ ଫେରାଇ ଦେଉଥିବା ଅଭିଯୋଗ ହେଉଛି। ଫଳରେ ଲୋକେ ଖର୍ଚ୍ଚାନ୍ତ ହୋଇ ବାହାର ଦୋକାନରୁ ଚଷମା ଆଣୁଥିବା କହିଛନ୍ତି। ରାୟଗଡ଼ା ଆର୍‌କେନଗରର ଶାନ୍ତି ତ୍ରିପାଠୀ କହିଛନ୍ତି, ସେ ଚକ୍ଷୁ ଦେଖାଇବାକୁ ମେଡିକାଲକୁ ଯିବାରୁ ତାଙ୍କର ଚଷମା ଲାଗିବ ବୋଲି ଡାକ୍ତର ପରାମର୍ଶ ଦେଇଥିଲେ। ଡାକ୍ତରଙ୍କ ପ୍ରେସ୍କ୍ରିପସନ୍ ଅନୁଯାୟୀ ମେଡିକାଲରେ ଚଷମା ପାଇଁ ଆବେଦନ କରିବାର ୧ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ତାଙ୍କ ଚଷମା ନ ଆସିବାରୁ ସେ ବାଧ୍ୟହୋଇ ବାହାରେ ଟଙ୍କା ଖର୍ଚ୍ଚକରି ଚଷମା କରିଛନ୍ତି। ସିଡିଏମ୍‌ଓ ଛୁଟିରେ ଥିବାରୁ ଏଡିଏମ୍‌ଓ ଡା. ବରଦାକାନ୍ତ ମିଶ୍ରଙ୍କୁ ଏ ସମ୍ପର୍କରେ ପଚାରିବାରୁ, ଯେବେ ଚଷମା ଆସୁଛି, ସେମାନେ ଲୋକଙ୍କ ମଧ୍ୟରେ ବଣ୍ଟନ କରୁଛନ୍ତି। ଚଷମା ବଳକା ଥିବା କଥା ପଚାରିବାରୁ ଆମେ ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଛୁ, କିପରି ଲୋକେ ସୁବିଧାରେ ଚଷମା ପାଇପାରିବେ ସେ ନେଇ ବ୍ୟବସ୍ଥା କରାଯିବ।




# ସମନ୍ୱିତ କୃଷି ନୀତି ପ୍ରଶିକ୍ଷଣ, କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମ


ତାଲିମ ଶିବିରରେ ଭାଗ ନେଇଥିବା କୃଷକମାନେ।

ଜେକେପୁର,୬।୯(ନିଧି ଗଣ୍ଡେଚା)

ଜେକେ ପେପର ମିଲ୍ ସିଏସ୍‌ଆର ପରିଚାଳିତ ସ୍ୱର୍ଶ ଆନୁକୂଲ୍ୟରେ ୪୦ଜଣ କୃଷକ ଓ କୃଷି ସଂଗଠନଙ୍କୁ ସମନ୍ୱିତ କୃଷି ଉପରେ ଇଣ୍ଟିଗ୍ରେଟେଡ଼ ଫାର୍ମିଂ ସିଷ୍ଟମ (ଆଇଏଫଏସ) ର ଦୁଇ ଦିନିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଶର ଜେନେରାଲ ମ୍ୟାନେଜର ପ୍ରଫୁଲ୍ଲ କୁମାର ଧଳଙ୍କ ଅଧ୍ୟକ୍ଷତାରେ ସୋମବାର ଓ ମଙ୍ଗଳବାର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୋରାପୁଟ, ରାୟଗଡ଼ା ଓ ଗଜପତି ଜିଲାରୁ ୪୦ଜଣ କୃଷକ ଯୋଗ ଦେଇଥିଲେ । ଏହି ତାଲିମ ଶିବିରରେ ଜିଲା କୃଷି ବିଭାଗ, ଜିଲା ଉଦ୍ୟାନ ବିଭାଗ, ଜିଲା ଜଳ ବିଭାଜିକା ପ୍ରକଳ୍ପ ବିଭାଗ, ଜିଲା ପ୍ରାଣୀ ସମ୍ପଦ ବିଭାଗ, ୱାସନର କର୍ମକର୍ତ୍ତା ଏବଂ ଏସଏସଏଫର କର୍ମକର୍ତ୍ତା ଯୋଗଦେଇ ସମନ୍ୱିତ କୃଷି ନୀତି ଉପରେ ତାଲିମ ପ୍ରଦାନ କରିଥିଲେ । ଗ୍ରାମାଞ୍ଚଳରେ ଭୂମିହୀନ ଓ ଛୋଟ ଚାଷୀଙ୍କୁ ନେଇ କମ୍ପାନୀ ସୋଲାର ପମ୍ପ ମାଧ୍ୟମରେ ପାଣି ଯୋଗାଣ ଓ ଡ୍ରିପ୍ ଇରିଗେସନ ମାଧ୍ୟମରେ ଚାଷୀଙ୍କୁ ସଫଳ କରାଇବା ସହ ସେମାନଙ୍କ ଆୟ ବଢ଼ିବାରେ ସହାୟତା କରୁଥିବା ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ସ୍ୱର୍ଶର କର୍ମଚାରୀ କିଶୋର କୁମାର ସାହୁ, ମନୁଶ୍ରୀ ରାୟ, ରାଜେଶ ବିଶ୍ୱାଳ, ତପନ ପେଦେଣ୍ଟି, ମନୋଜ ବଡ଼ଜେନା, ଅଶୋକ ନାଳା, ମଧୁସୂଦନ କରକରିଆ ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ ।

## ସଂକ୍ଷେପରେ

### କମ୍ପାନୀ ଜିନିଷ ଦେବାକୁ କହି ୧୦ ଲକ୍ଷର ଠକେଇ

ବ୍ରହ୍ମପୁର,୬।୯(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବଡବଜାର ଥାନା ଅନ୍ତର୍ଗତ ପ୍ରହ୍ଲାଦ ନଗରର ଯୁବକ ଏସ. ସାଇ ସ୍ୱରୂପ ଆଚାରୀଙ୍କ ସହ ଏକ କମ୍ପାନୀର ମାଲିକ ଆଲୋଚନା କରି ବ୍ୟବସାୟ କରିବା ପାଇଁ ନିଷ୍ପତ୍ତି ହେଲା। ନିଷ୍ପତ୍ତି ଅନୁଯାୟୀ ସାଇ ସ୍ୱରୂପ ୪ କିସ୍ତିରେ ୧୦ ଲକ୍ଷ ଟଙ୍କା ଦେଲେ। ହେଲେ ସଂପୃକ୍ତ କମ୍ପାନୀ ଏବେ କୌଣସି ଜିନିଷ ଦେଉନାହିଁ। ତେଣୁ ସେ ବାଧ୍ୟହୋଇ ବଡ଼ ବଜାର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସାଇସ୍ୱରୂପ ତାଙ୍କ ଏତଲାରେ ଦର୍ଶାଇଛନ୍ତି, କମ୍ପାନୀର ମାଲିକ ଓ ଜଣେ ମହିଳା ୭/୮ ମାସ ତଳେ ତାଙ୍କ ପାଖକୁ ଆସିଥିଲେ। ସାଇସ୍ୱରୂପ ବିଭିନ୍ନ କମ୍ପାନୀର ଡିଷ୍ଟ୍ରିବ୍ୟୁଟର ଥିବାରୁ କମ୍ପାନୀ ମାଲିକଙ୍କ ସହିତ ତାଙ୍କର ଆଲୋଚନା ହୋଇଥିଲା। ଏହାପରେ କମ୍ପାନୀ ମାଲିକ ବ୍ରହ୍ମପୁର ଆସିଥିଲେ। ପରେ ସେ ୪ଟି କିସ୍ତିରେ ସର୍ତ୍ତ ଅନୁଯାୟୀ କମ୍ପାନୀ ଆକାଉଣ୍ଟକୁ ୧୦ ଲକ୍ଷ ଟଙ୍କା ପଠାଇଥିଲେ। ହେଲେ ଦୀର୍ଘଦିନ ଅପେକ୍ଷା କରି କୌଣସି ଜିନିଷ ନ ଆସିବାରୁ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ.୩୩୦/୨୦୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

### ଗୋଷ୍ଠୀ ବିବାଦ, ପୋଲିସକୁ ଘେରିଲେ ମହିଳା

କୁକୁଡାଖଣ୍ଡି,୬।୯(ପ୍ରତାପ ସାହୁ)

ପୂର୍ବ ଶତ୍ରୁତାକୁ ଦୁଇ ସାହି ମଧ୍ୟରେ ବିବାଦ ସୃଷ୍ଟି ହୋଇଛି। ସୋମବାର କମାପଲ୍ଲୀର କିଛି ଯୁବକଙ୍କ ଆକ୍ରମଣରେ ବଡ଼ହରିଜନ ସାହିର ନାରାୟଣ ଦାସ ଆହତ ହୋଇଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ। ଅପରପକ୍ଷରେ ମଙ୍ଗଳବାର ରାତିରେ ବଡ଼ ହରିଜନ ସାହିର ଜଣେ ଯୁବକ ସାଇକେଲ ଚଳାଉଥିବା ବେଳେ ଉମା ଦାସ ନାମକ ଜଣେ ଯୁବକଙ୍କ ଦେହରେ ବଜାଇ ଦେଇଥିଲା। ପୂର୍ବରୁ ସାହି ବିବାଦ ଥିବାରୁ ବସ୍ତିର କିଛି ଯୁବକ ଆସି ଉମା ଦାସଙ୍କୁ ଆକ୍ରମଣ କରିଥିଲେ। ଉମାଙ୍କ ମା' ଏନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୨୮୭/୨୩ ମାମଲା ରୁଜୁ କରି ହରିଜନ ସାହିକୁ ତଦନ୍ତ ନିମନ୍ତେ ଯାଇଥିଲା। ଉକ୍ତ ସାହିର ବହୁ ମହିଳା ପୋଲିସକୁ ଘେରିଯିବାରୁ ପୋଲିସ କାହାରିକୁ ଗିରଫ କରି ନପାରି ଫେରିଆସିଥିବା ଏସଡିପିଓ ଶିବ ଶଙ୍କର ମହାପାତ୍ର ସୂଚନା ଦେଇଛନ୍ତି।

### ବିଦ୍ୟୁତ ଆଘାତରେ ବୃଦ୍ଧଙ୍କ ମୃତ୍ୟୁ

କୋଦଳା,୬।୯(ଅମିତ କୁମାର ପଟ୍ଟନାୟକ)

କୋଦଳା ଏନ୍‌ଏସି ଅନ୍ତର୍ଗତ ବେଲପଡା ଗ୍ରାମରେ ବୁଧବାର ସକାଳେ ବିଦ୍ୟୁତ ଆଘାତରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର କନ୍ଧ ରାଉତ। ଗ୍ରାମରେ ଥିବା ଏକ ବିଜ୍ଞାପନ ହୋର୍ଡ଼ିଂରେ କୌଣସି କାରଣ ବଶତଃ ବିଦ୍ୟୁତ୍ ସଂଯୋଗ ହୋଇଯାଇଥିଲା। କନ୍ଧ ଏହାର ସଂସ୍ପର୍ଶରେ ଆସିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। କୋଦଳା ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛି।

# ମୋବାଇଲ ଚୋରି ମାମଲାରେ ୪ ନାବାଳକ ଗିରଫ

## ୩୫ ଫୋନ୍ ଜବତ

ରାୟଗଡ଼ା,୬।୯(ଆଶିଷ ରଞ୍ଜନ ପଣ୍ଡା)

ଦୋକାନରୁ ମୋବାଇଲ ଚୋରି ମାମଲାରେ ୪ ନାବାଳକଙ୍କୁ ବୁଧବାର ରାୟଗଡ଼ା ଟାଉନ ଥାନା ପୋଲିସ ଗିରଫ କରିଛି । ପୋଲିସ ସେମାନଙ୍କ ନିକଟରୁ ୩୫ଟି ମୋବାଇଲ ଜବତ କରିଛି। ଏନେଇ ବୁଧବାର ଟାଉନ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଡିଏସ୍‌ପି(କ୍ରାଇମ) ପ୍ରତାପ ଚନ୍ଦ୍ର ତ୍ରିପାଠୀ ସୂଚନା ଦେଇଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ରୟତ କଲୋନିସ୍ଥିତ ମୋବାଇଲ ଦୋକାନରୁ ଚୋରି ହୋଇଥିବା ନେଇ ଦୋକାନ ମାଲିକ ସିଲା ସନ୍ତୋଷ କୁମାର ଜୁଲାଇ ୨୧ରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ତାଙ୍କ ଦୋକାନରୁ ୪୦ ନୂଆ ମୋବାଇଲ, ୧୧ ପୁରୁଣା ମୋବାଇଲ ଏବଂ ୫ ହଜାର ଟଙ୍କା ଚୋରି ହୋଇଥିବା ସେ ଅଭିଯୋଗ କରିଥିଲେ । ଉକ୍ତ ଅଭିଯୋଗକୁ ଭିତ୍ତିକରି ଆଇଆଇସି କେକେବିକେ କହଁରଙ୍କ ନେତୃତ୍ୱରେ ଏସ୍‌ଆଇ ସଞ୍ଜୟ ଛତର ଓ ପୋଲିସ ଟିମ୍ ତଦନ୍ତ ଆରମ୍ଭ କରିଥିଲେ। ଚୋରି ଘଟଣାରେ ୪ ନାବାଳକ ଥିବା ଜଣାପଡ଼ିବା ପରେ ପୋଲିସ ସେମାନଙ୍କୁ ଗିରଫ କରିଛି। ଏବେ ଆହୁରି ତଦନ୍ତ ଚାଲିଛି ଏବଂ ତଦନ୍ତ ସରିବା ପରେ ଗିରଫଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି। ପ୍ରକାଶ ଥାଉକି, ଚୋରି ସମୟରେ ସେଠାରେ ଲାଗିଥିବା ୨ ସିସି କ୍ୟାମେରାକୁ ବିପରୀତ ଦିଗକୁ ମୋଡ଼ି ଦେଇ ଦୁର୍ବୃତ୍ତ ଚୋରି କରିଥିଲେ । ତେବେ ସହରରେ ନାବାଳକଙ୍କ ଦ୍ୱାରା ଅଧିକ ଚୋରି ହେଉଥିବା କାରଣରୁ ପୋଲିସ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି । ଖବରଦାତା ସମ୍ମିଳନୀରେ ଆଇଆଇସି କେକେବିକେ କହଁର ଓ ଏସ୍‌ଆଇ ସଞ୍ଜୟ ଛତର ମଧ୍ୟ ଉପସ୍ଥିତ ଥିଲେ ।


ଖବରଦାତା ସମ୍ମିଳନୀରେ ଡିଏସ୍‌ପି ପ୍ରତାପ ତ୍ରିପାଠୀ ଓ ଆଇଆଇସି କେକେବିକେ କହଁର ସୂଚନା ଦେଉଛନ୍ତି।

# ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

ଗୁଣପୁର,୬।୯ (ପ୍ରଦୀପ କୁମାର ପାଢୀ)

ଗୁଣପୁର ସହର ଆଦର୍ଶ ବିଦ୍ୟାଳୟ ଛକଠାରେ ବୁଧବାର ଏକ ଟ୍ରକ୍ ଏବଂ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଘଟଣାସ୍ଥଳରେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଶିରିଝୋଲି ଗ୍ରାମର କାହ୍ନୁ ଗୌଡ (୩୧)। କାହ୍ନୁ କୌଣସି ଏକ କାମରେ ଗୁଣପୁର ଆସି ନିଜ ଘରକୁ ଫେରୁଥିବାବେଳେ ଆଦର୍ଶ ବିଦ୍ୟାଳୟ ନିକଟ ଛକଠାରେ ଆନ୍ଧ୍ର ଅଞ୍ଚଳରୁ ଆସୁଥିବା ଏକ ଟ୍ରକ୍ ସହ ଧକ୍କା ହୋଇଥିଲା। କାହ୍ନୁ ସେଠାରେ ପଡିଯିବା ସହ ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବାବେଳେ ଟ୍ରକ୍ ଡ୍ରାଇଭର ଅବଦୁଲ ଖାଦର ଜେଲାନୀଙ୍କୁ ଗିରଫ କରିଛି।

# ରାୟଗଡ଼ାରେ ଜନ୍ମାଷ୍ଟମୀ


ଅତିଥିଙ୍କ ଗହଣରେ ରାଧାକୃଷ୍ଣ ବେଶରେ ସଜ୍ଜିତ ପିଲାମାନେ।

ରାୟଗଡ଼ା, ୬।୯ (ଭାଗ୍ୟଶ୍ରୀ ମିଶ୍ର )

ରାୟଗଡ଼ା ଗାୟତ୍ରୀ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରାଙ୍ଗଣରେ ବୁଧବାର ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ଶିଶୁ ମନ୍ଦିର ପରିଚାଳନା ସମିତିର କୋଷାଧ୍ୟକ୍ଷ ସଞ୍ଜିବ କୁମାର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାରତୀୟ ମଜଦୁର ସଂଘର ରାଜ୍ୟ ସମ୍ପାଦକ ଯୋଗେଶ୍ୱର ଦାସ ଜନ୍ମାଷ୍ଟମୀ ଉତ୍ସବ ପାଳନର ମହତ୍ତ୍ୱ ଉପରେ କୁନି କୁନି ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଶିଶୁ ବିଦ୍ୟା ମନ୍ଦିର ପରିଚାଳନା ସମିତିର ସଦସ୍ୟା ପ୍ରଣିତା ନାୟକ ଯୋଗଦେଇଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସୁଧିର କୁମାର ନେଗୀ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଉତ୍ସବରେ ଛାତ୍ରୀଛାତ୍ରମାନେ କୃଷ୍ଣ ବେଶରେ ସଜ୍ଜିତ ହୋଇ ଆସିଥିଲେ। ପରେ ଆୟୋଜିତ ବିଭିନ୍ନ ସାଂସ୍କୃତିକ ଏବଂ ଶ୍ରୀକୃଷ୍ଣଙ୍କ ବେଶ ପ୍ରଦର୍ଶନରେ ଯୋଗଦାନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ଉପସ୍ଥିତ ସମସ୍ତ ଗୁରୁଜୀ ଗୁରୁମାମାନେ ପରିଚାଳିତ କରିଥିଲେ। ଶେଷରେ ବିଦ୍ୟାଳୟ ଗୁରୁଜୀ ଶ୍ରୀକାନ୍ତ ରାଉତ ଉପସ୍ଥିତ ସମସ୍ତ ଛାତ୍ରୀଛାତ୍ର ଅତିଥି ଏବଂ ଅଭିଭାବକଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।



ରାୟଗଡ଼ାସ୍ଥିତ ଝଞ୍ଜାବତୀ ମହିଳା ୱାକର୍ସ କ୍ଲବ ପକ୍ଷରୁ ମଙ୍ଗଳବାର ଗୁରୁଦିବସ ଉପଲକ୍ଷେ ସମ୍ବର୍ଦ୍ଧିତ ଶିକ୍ଷୟିତ୍ରୀଙ୍କ ଗହଣରେ କ୍ଲବ୍ ସଦସ୍ୟା।

# ଝଞ୍ଜାବତୀ କ୍ଲବ ପକ୍ଷରୁ ୧୦ ଶିକ୍ଷୟିତ୍ରୀ ସମ୍ବର୍ଦ୍ଧିତ

ରାୟଗଡା, ୬।୯(ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ଼ାସ୍ଥିତ ଝଞ୍ଜାବତୀ ମହିଳା ୱାକର୍ସ କ୍ଲବ ପକ୍ଷରୁ ମଙ୍ଗଳବାର ଗୁରୁଦିବସ ଉପଲକ୍ଷେ ୧୦ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେମାନେ ହେଲେ କଳ୍ପନା ପଣ୍ଡା, ସୁଜାତା ମାଦଳା, ଦୀପ୍ତି ପଣ୍ଡା, ସଂଯୁକ୍ତା ମିଶ୍ର , ପ୍ରଶାନ୍ତି ସାହୁ, ମାନସି ପାଣିଗ୍ରାହୀ, ଅରୁଣା ଅଦାଲା, ଡ଼ ଅର୍ଚ୍ଚନା ପଟ୍ଟନାୟକ, ଲୋପାମୁଦ୍ରା ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କ୍ଲବ ସଭାପତି ଅରୁଣା ବେହେରା, ରଶ୍ମିତା ପଣ୍ଡା, ଉପ ସଭାପତି ସନ୍ତୋଷୀ ସେନାପତି ଏବଂ ସୁଜାତା ମାଦଳାଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ ।

# ଗୁଡ଼ାରିରେ ଦହିହାଣ୍ଡି ଭଙ୍ଗା ଉତ୍ସବ


ରାଧାକୃଷ୍ଣ ବେଶରେ ସଜ୍ଜିତ ପିଲାମାନଙ୍କୁ ଦୋଳିରେ ଝୁଲାଯାଉଛି।

ଗୁଡ଼ାରି,୬।୯ (ପ୍ରମୋଦ କୁମାର ପତି)

ଗୁଡ଼ାରି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ ସନ୍ଧ୍ୟାରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଗୁଡ଼ାରି ଥାନା ଅଧିକାରୀ ସମର୍ପିତା ସ୍ୱାଇଁ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୁଖ୍ୟ ଅତିଥି ଓ ଅନୁଷ୍ଠାନର ସମସ୍ତ ଗୁରମା ଗୁରୁଜୀ ଓ ଛାତ୍ରୀଛାତ୍ର ମିଶି ଭଗବାନ ଶ୍ରୀକୃଷ୍ଣଙ୍କୁ ଦୋଳିରେ ଝୁଲାଇଥିଲେ। ପରେ ଛାତ୍ରମାନେ ଦହିହାଣ୍ଡି ଭାଙ୍ଗି ଉତ୍ସବ ପାଳନ କରିଥିଲେ। ଶ୍ରୀକୃଷ୍ଣ ଓ ରାଧାଙ୍କ ବେଶରେ ସଜ୍ଜିତ ହୋଇ ବସିଥିବା କୁନି କୁନି ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥି ଶ୍ରୀକୃଷ୍ଣଙ୍କ ବାଲ୍ୟ ଲୀଳା ବିଷୟରେ କହିଥିଲେ।

# ବିଦ୍ୟୁତ୍ ଖୁଣ୍ଟରେ ଲାଗୁଛି ବିଜ୍ଞାପନ ହୋର୍ଡିଂ

## କ୍ଷତି ସହୁଛି ପୌର ବିଭାଗ

ରାୟଗଡ଼ା,୬।୯(ଆଶିଷ ରଞ୍ଜନ ପଣ୍ଡା)

ବ୍ୟବସାୟିକ ପ୍ରତିଷ୍ଠାନ, ସ୍କୁଲ, କଲେଜ, ଔଷଧ ଦୋକାନ ସମେତ ବିଭିନ୍ନ କମ୍ପାନୀ ପାଇଁ ମାଗଣା ବିଜ୍ଞାପନ ସୁବିଧା ଯୋଗାଉଛି ସହରରେ ରହିଥିବା ବିଦ୍ୟୁତ ଖୁଣ୍ଟ । ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ବର୍ଷ ତମାମ ଏହି ବିଦ୍ୟୁତ ଖୁଣ୍ଟଗୁଡ଼ିକ କିଣି ନେଉଥିବା ଭଳି ଲାଗୁଛି । ଏପରିକି ଜିଲାପାଳ ଓ ଏସ୍‌ପିଙ୍କ ବାସଭବନ ନିକଟରେ ଥିବା ବିଦ୍ୟୁତ ଖୁଣ୍ଟକୁ ଛାଡ଼ିନାହାନ୍ତି ବ୍ୟବସାୟୀ । ତେବେ ଏହା ଉପରେ ପୌର ବିଭାଗର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ସମସ୍ତେ ନିର୍ଭୟରେ ବିଜ୍ଞାପନ ହୋର୍ଡ଼ିଂ ମାରି ଚାଲିଛନ୍ତି । ଏଭଳିକି କିଛି ସୁନା ଋଣ, ଫାଇନାନ୍ସ କମ୍ପାନୀ ମଧ୍ୟ ନିଜର ହୋର୍ଡ଼ିଂ ମାରିଥିବା ଦେଖିବାକୁ ମିଳିଛି । ରାୟଗଡ଼ା ସହର ଦେଇ ଯାଇଥିବା ୩୨୬ନଂ ଜାତୀୟ ରାଜପଥରେ ରହିଥିବା ବିଦ୍ୟୁତ ଖୁଣ୍ଟରେ ବିଭିନ୍ନ ସ୍କୁଲ ଓ ବ୍ୟବସାୟିକ ପ୍ରତିଷ୍ଠାନ ମଧ୍ୟ ହୋର୍ଡ଼ିଂ ମାରିଛନ୍ତି। ତେବେ ଏହିଭଳି ମନଇଛା ହୋର୍ଡ଼ିଂ ଲାଗୁଥିବା ବେଳେ ଏହାପରେ କୌଣସି ଅଙ୍କୁଶ ନ ଥିବାରୁ ପୌର ବିଭାଗକୁ ବ୍ୟାପକ ବିଜ୍ଞାପନ କ୍ଷତି ସହିବାକୁ ପଡୁଛି । ରାୟଗଡ଼ା ସହରର ସାଇ ଇଣ୍ଟରନ୍ୟାସନାଲ ଛକ, ଏଫସିଆଇ ଛକ, କଲେଜ ଛକ ଠାରୁ ଆରମ୍ଭ କରି ଜାତୀୟ ରାଜପଥ, ଗଳିକନ୍ଦି ଆଦିରେ ରହିଥିବା ବିଦ୍ୟୁତ ଖୁଣ୍ଟଗୁଡ଼ିକରେ ପୌର ବିଭାଗର ବିନା ଅନୁମତିରେ ବେଆଇନ ଭାବେ ନିଜ ପ୍ରତିଷ୍ଠାନର ହୋର୍ଡ଼ିଂ ଲଗାଇ ବେଶ ମୁନାଫା କମାଉଥିବାବେଳେ ପୌର ବିଭାଗ ଟ୍ୟାକ୍ସ ପାଇବାରୁ ବଞ୍ଚିତ ହେଉଛି। ଏ ନେଇ ପୌର ନିର୍ବାହୀ ଅଧିକାରୀ ୟାସିର ବିଲାଲ ଅହମ୍ମଦଙ୍କୁ ପଚାରିବାରୁ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ଅନୁମତି ନେଇ ବିଜ୍ଞାପନ ଲଗାଉଛନ୍ତି ବୋଲି କହିଛନ୍ତି । ତଥାପି ଆମେ ତଦନ୍ତ କରିବୁ । ଯଦି ସେଭଳି କେହି ବିନା ଅନୁମତିରେ ଲଗାଇଥିବେ ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ୟାସିର ଅହମ୍ମଦ କହିଛନ୍ତି ।


ଜାତୀୟ ରାଜପଥରେ ଏକ ଲାଇଟ ଖୁଣ୍ଟରେ ହୋର୍ଡିଂ ଲାଗିଛି।

# ଜନ୍ମାଷ୍ଟମୀ ଉତ୍ସବ ପାଳିତ



ଗୁଣପୁର,୬।୯ (ପ୍ରଦୀପ କୁମାର ପାଢୀ)

ଗୁଣପୁର ସରସ୍ୱତି ଶିଶୁ ବିଦ୍ୟା ମନ୍ଦିରଠାରେ ବୁଧବାର ସମସ୍ତ ରିତିନୀତି ଅନୁଯାୟୀ ଶ୍ରୀକୃଷ୍ଣଙ୍କ ଜନ୍ମଦିନ ପାଳନ କରାଯାଇଛି। ଶିଶୁମାନେ ରାଧା,କୃଷ୍ଣ, ବଳରାମ, ସୁଦାମା, କଂସ, ବସୁଦେବ, ଦେବକୀ, ଯଶୋଦା ଆଦି ବେଶରେ ସଜ୍ଜିତ ହୋଇଥିଲେ। ବାଘୁଆ ଦେଉଳଠାରୁ ମଦନ ମୋହନ ମନ୍ଦିର ପର୍ଯ୍ୟନ୍ତ ପିଲାମାନେ ଶୋଭାଯାତ୍ରାରେ ଯାଇଥିଲେ। ଏହାପରେ ଅନୁଷ୍ଠାନ ପରିସରରେ ନୃତ୍ୟ ପରିବେଷଣ କରାଯାଇଥିଲା। ପରିଚାଳନା କମିଟିର ସଭାପତି ବି.ଗଜପତି ରାଓ, ଉପ ସଭାପତି ମହୋନ ଚନ୍ଦ୍ର ସାହୁ, ସମ୍ପାଦକ ସୋମନାଥ ଗୌଡ, ଯୁଗ୍ମ ସମ୍ପାଦକ ମୀନ କେତନ ପଣ୍ଡା, କୋଷାଧ୍ୟକ୍ଷ ପି.ଗୋବିନ୍ଦ ରାଓ,ସଦସ୍ୟା ପ୍ରତିଭା ରଥ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ପୂର୍ବତନ ସଭାପତି ଲଳିତ ବୈଦ୍ୟ ଭୂଷଣ, ଅମ୍ବିକା ରାଣୀ ମହାପାତ୍ର କାର୍ଯ୍ୟକ୍ରମ ପିରଚାଳନାରେ ସହଯୋଗ କରିଥିଲେ। ସେହିପରି ଗାନ୍ଧୀ ପବ୍ଲିକ ସ୍କୁଲ ଏବଂ ବୃନ୍ଦାବନ ପ୍ଲେ ସ୍କୁଲ ଠାରେ ମଧ୍ୟ ଜନ୍ମାଷ୍ଟମୀ ଉତ୍ସବ ପାଳନ ହୋଇଥିଲା।

## ସଂକ୍ଷେପରେ

### ଗଛ ପଡ଼ି ଯାତାୟାତ ବାଧପ୍ରାପ୍ତ



**କୋରୁକୋଣ୍ଡା,୬।୯(ଅବିନାଶ ବେହେରା)**

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ କମୱାଡ ପଞ୍ଚାୟତ ଏମ୍‌ଭି-୨୯ ଗ୍ରାମ ବଜାରକୁ ଯିବା ମୁଖ୍ୟ ରାସ୍ତାକଡ଼ରେ ଥିବା ବହୁଦିନର ପୁରୁଣା ବାବଲ ଗଛଟି ବୁଧବାର ସକାଳେ ଉପୁଡ଼ି ପଡ଼ିବା ଫଳରେ ବହୁ ସମୟ ପର୍ଯ୍ୟନ୍ତ ଉକ୍ତ ରାସ୍ତାରେ ଯିବା ଆସିବା ବନ୍ଦ ହୋଇଯାଇଥିଲା। ପିଲାମାନେ ଜନ୍ମାଷ୍ଟମୀ ପାଳନ ଲାଗି ସ୍କୁଲକୁ ଯିବାରେ ହଇରାଣ ହୋଇଥିଲେ। ଲଘୁଚାପ ଯୋଗୁ ୨ଦିନ ଧରି କୋରୁକୋଣ୍ଡା ଅଞ୍ଚଳରେ ପ୍ରବଳ ବର୍ଷା ହୋଇଥିଲା। ଗତ ରାତିଠାରୁ ଲାଗି ରହିଥିବା ବର୍ଷାରେ ରାସ୍ତାକଡରେ ଥିବା ବହୁ ପୁରାତନ ବାବଲ ଗଛଟି ଉପୁଡ଼ି ପଡିଥିଲା। ଫଳରେ ଲୋକେ ଯିବା ଆସିବାରେ ଅସୁବିଧା ହୋଇଥିଲା। ଅଗ୍ନିଶମ କର୍ମଚାରୀ ଗଛ କାଟି ରାସ୍ତା ସଫା କରିବାରୁ ଯାତାୟାତ ସ୍ୱାଭାବିକ ହୋଇଥିଲା ।

### ଧରିତ୍ରୀ ପ୍ରଭାବ
### ଖବର ପ୍ରସାରଣ ପରେ ପହଞ୍ଚିଲେ ଜିଲା ପରିଷଦ ସଦସ୍ୟା

**ମାଥିଲି, ୬।୯(ସୁବାସ ଚନ୍ଦ୍ର ଖୁଡୁପିଆ)**

ଖଇରପୁଟ ବ୍ଲକ କଦମଗୁଡ଼ା ପଞ୍ଚାୟତ କୁରିଗୁଡ଼ା ଗ୍ରାମର ଜଣେ ୭ ବର୍ଷର ଶିଶୁ ଦୀର୍ଘଦିନ ଧରି ରୋଗରେ ପଡ଼ିଥିଲେ। ବାପା ମା’ ଦିନ ମଜୁରିଆ ହୋଇଥିବାରୁ ସଞ୍ଜୁର ଚିକିତ୍ସାରେ ଅର୍ଥ ବାଧକ ସାଜିଥିଲା। ଏ ସମ୍ପର୍କରେ ଧରିତ୍ରୀରେ ଖବର ପ୍ରସାରଣ ପରେ ବିଜେଡି ଜିଲା ମହିଳା ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ନାୟକ ତାଙ୍କ ଘରେ ପହଞ୍ଚି ବୁଧବାର ଆମ୍ବୁଲାନ୍ସ ଯୋଗେ ମାଥିଲି ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ଡାକ୍ତର ଅମିୟ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଦୁଇଜଣିଆ ଡାକ୍ତରୀ ଟିମ୍ ଦେଖିଥିଲେ। ଡାକ୍ତର ସ୍ୱାଇଁ ସଞ୍ଜୁର ଉନ୍ନତ ଚିକିତ୍ସା ପାଇଁ ଅଧିକ ସୁବିଧା ଥିବା ବଡ଼ ମେଡିକାଲକୁ ନେବା ବ୍ୟବସ୍ଥା ପାଇଁ ନାୟକଙ୍କ ସହ ଆଲୋଚନା କରିଥିଲେ।

### ଚାକିରି ନାଁରେ ଠକେଇ ବୌଦ୍ଧରୁ ଜଣଙ୍କୁ ଗିରଫ କଲା ମାଲକାନଗିରି ପୋଲିସ



**ମାଲକାନଗିରି,୬।୯(ଦୁର୍ଯ୍ୟୋଧନ ପାତ୍ର)**

ଚାକିରି ନାଁରେ ଠକେଇ ଅଭିଯୋଗରେ ମାଲକାନଗିରି ପୋଲିସ ବୌଦ୍ଧ ଜିଲାରୁ ଜଣଙ୍କୁ ଗିରଫ କରିଛି। ମାଲକାନଗିରି ଜିଲା ଶିଖପାଲ୍ଲୀ ଗ୍ରାମର ଈଶ୍ୱର କବାସୀ ଶିକ୍ଷା ସହାୟକ ପଦରେ ନିଯୁକ୍ତି ପାଇଁ ୨୦୧୮ରେ ଆବେଦନ କରିଥିଲେ । ସରକାରଙ୍କ ପକ୍ଷରୁ ସେହି ସମୟରେ କୌଣସି ନିଯୁକ୍ତି ପ୍ରକ୍ରିୟା କରାଯାଇ ନ ଥିଲା। ତେବେ ସେ ଆବେଦନ କରିଥିବା ଫର୍ମରେ ତାଙ୍କ ମୋବାଇଲ ନମ୍ବର ଦେଇଥିବା ବେଳେ ସେହି ନମ୍ବରକୁ କୌଶଳ କ୍ରମେ ସଂଗ୍ରହ କରି ଜଣେ ବ୍ୟକ୍ତି ନିଜକୁ ଓଏସ୍‌ଏସ୍‌ସିର କର୍ମଚାରୀ ପରିଚୟ ଦେଇ ଈଶ୍ୱରଙ୍କୁ ଯୋଗାଯୋଗ କରିଥିଲେ। ପରେ ସେ ପ୍ରଥମେ ୫୦ ହଜାର ଟଙ୍କା ଦିଅ ଚାକିରି କରାଇ ଦେବି ବୋଲି କହିଥିଲେ। ଏଥିରେ ଈଶ୍ୱର ପ୍ରଲୋଭିତ ହୋଇ ଉକ୍ତ ବ୍ୟକ୍ତିଙ୍କ କଥା ମାନି ତାଙ୍କୁ ବିଭିନ୍ନ କିସ୍ତିରେ ୨୪ ସେପ୍ଟେମ୍ବର ୨୦୨୨ଠାରୁ ୩ ଅଗଷ୍ଟ ୨୦୨୩ ମଧ୍ୟରେ ମୋଟ ୪ ଲକ୍ଷ ୧୫ ହଜାର ଟଙ୍କା ଦେଇଥିଲେ। ତେବେ ଉକ୍ତ ବ୍ୟକ୍ତି ଜଣଙ୍କ ଈଶ୍ୱରଙ୍କୁ ମେଲ ଯୋଗେ ଚାକିରି କରାଇବା ନେଇ ମେସେଜ ଦେଇ ସମୟ କ୍ରମେ ତାରିଖ ପରିବର୍ତ୍ତନ କରି ଚାଲିଥିଲେ। ଈଶ୍ୱର ନିରାଶ ହୋଇ ଶେଷରେ ମାଲକାନଗିରି ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ। ମାଲକାନଗିରି ପୋଲିସ ତଦନ୍ତ କରି ବୌଦ୍ଧ ଜିଲାରୁ ଲିଙ୍ଗରାଜ ମହାନନ୍ଦଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଥିବା ଇନ୍‌ସପେକ୍ଟର ରିଗାନ କିଣ୍ଡୋ ସୂଚନା ଦେଇଛନ୍ତି ।

# ରାଜ୍ୟସ୍ତରୀୟ ହକି ଖେଳରେ ମାଲକାନଗିରି ଟିମ୍ ସାମିଲ

**ମାଲକାନଗିରି,୬।୯(ଦୁର୍ଯ୍ୟୋଧନ ପାତ୍ର)**

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ରାଜ୍ୟସ୍ତରୀୟ ୨ୟ ପୁରୁଷ ହକି ଖେଳରେ ମାଲକାନଗିରି ହକି ଟିମ୍ ସାମିଲ ହୋଇ ଖେଳିଥିଲା। ଓଡିଶା ହକି ଆସୋସିଏଶନ ପକ୍ଷରୁ ଓଡିଶାର ୨୮ ଦଳକୁ ନିମନ୍ତ୍ରଣ କରାଯାଇଥିଲା। ଚଳିତ ମାସ ୪ ତାରିଖରେ କଳିଙ୍ଗ ଷ୍ଟାଡିୟମଠାରେ ହୋଇଥିବା ପୁରଷ ହକି ଦଳ ଆୟୋଜନରେ ମାଲକାନଗିରି ଦଳ ସହ ରାଉରକେଲା ଦଳର ମୁକାବିଲା ହୋଇଥିଲା। ମାଲକାନଗିରି ଦଳ ରାଉରକେଲାଠାରୁ ପରାସ୍ତ ହୋଇଥିଲା। ହକି ଦଳ ଭୁବନେଶ୍ୱରରୁ ଫେରିବା ପରେ ଜିଲା ପ୍ରଶାସନ ପକ୍ଷରୁ ସେମାନଙ୍କୁ ଉତ୍ସାହିତ କରାଯାଇଥିଲା। ହକି ଟିମ୍ ପକ୍ଷରୁ ମ୍ୟାନେଜର ନରସିଂହ ମହାରଣା, କୋଚ ଭଗତରାମ ନାୟକ, କ୍ୟାପ୍‌ଟେନ୍ ସାଜନ ମି, ଭାଇସ୍ କ୍ୟାପ୍‌ଟେନ୍ ବୁଦୁରା ବିଶି ନାୟକଙ୍କ ସହ ଖେଳାଳୀ ବିଭୂତି ଭୂଷଣ, ମହେଶ୍ୱର ମୁର୍ମୁ, କାହ୍ନୁ ପଡିଆମି, ଯୀଶୁ ହେମ୍ବ୍ରମ, ଅନନ୍ତ ଡୁକୁମିଆ, କୁନା ପଟ୍ଟନାୟକ, ପରିମଳ ମୁର୍ମୁ, ସୁରେଶ ମାଡକାମି, ଗଙ୍ଗା କବାସୀ, ଶଙ୍କର ଚୋପାଡି, ଜନାସ ହେମ୍ବ୍ରମ, ମୀନକେତନ ସମରଥ, ବଳରାମ ମହାକୋ ଓ ସୁରେଶ ଚନ୍ଦ୍ର କିର୍ସାନୀ ପ୍ରମୁଖ ମୋଟ ୧୭ ଜଣ ଭୁବନେଶ୍ୱର ଯାଇ ଖେଳରେ ସାମିଲ ହୋଇଥିଲେ।



ଟିମ୍‌ରେ ସାମିଲ ହୋଇ ଫେରିଥିବା ଖେଳାଳି ।

# ମୌଳିକ ସମସ୍ୟା ସମାଧାନ ପାଇଁ ବିଧାୟକ, ବ୍ଲକ ଅଧ୍ୟକ୍ଷଙ୍କ ପ୍ରତିଶ୍ରୁତି



ଗ୍ରାମବାସୀଙ୍କ ସହ ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ଓ ଅନ୍ୟମାନେ ।

**ମାଥିଲି,୬।୯(ସୁବାସ ଚନ୍ଦ୍ର ଖୁଡୁପିଆ)**

ମାଲକାନଗିରି ଜିଲା ମାଥିଲି ବ୍ଲକ ଚାଉଳମେଦି ପଞ୍ଚାୟତ କଟରୀ ମାଝିଗୁଡ଼ା ଗ୍ରାମକୁ ବୁଧବାର ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ଓ ବ୍ଲକ ଅଧ୍ୟକ୍ଷ ମହେଶ କୁମାର ବାକା ଯାଇ ଲୋକଙ୍କ ମୌଳିକ ସମସ୍ୟା ସମ୍ପର୍କରେ ବୁଝିଥିଲେ। ଗାଁର ଲୋକଙ୍କ ସମସ୍ତ ସମସ୍ୟା ଶୁଣିଲା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଦିଆଯାଇଥିବା ସମସ୍ତ ଜନମଙ୍ଗଳକାରୀ ସୁବିଧା ପହଞ୍ଚିପାରୁଛି କି ନାହିଁ ସ୍ଥାନୀୟ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ମାଝିଗୁଡ଼ାରେ ପହଞ୍ଚି ଲୋକଙ୍କ କଥା ଶୁଣିବା ସହ ମହିଳାମାନଙ୍କ ସହ ଆଲୋଚନା କରିଥିଲେ। ମା’ମାନେ ସେମାନଙ୍କ ଦାବି ବିଧାୟକଙ୍କ ପାଖରେ ଜଣାଇଥିଲେ। ତାଙ୍କ ସମସ୍ୟା ସମାଧାନ ଅତି ଶୀଘ୍ର କରାଯିବ ବୋଲି ଅଧ୍ୟକ୍ଷ କହିଥିଲେ। ଏହା ସହ ଗ୍ରାମଦେବୀଙ୍କ ମନ୍ଦିରର ଉନ୍ନତୀକରଣ କିଛିଦିନ ମଧ୍ୟରେ କରାଯିବ ବୋଲି ବିଧାୟକ ଓ ବ୍ଲକ ଅଧ୍ୟକ୍ଷ ମହେଶ ବାକା ପ୍ରତିଶ୍ରୁତି ଦେଇଥିଲେ।

# ପୋଲ ଉପରେ ୨ଫୁଟ ପାଣି, ଯାନବାହନ ଚଳାଚଳ ବନ୍ଦ

**କୋରୁକୋଣ୍ଡା,୬।୯(ଅବିନାଶ ବେହେରା)**

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ କାମୱାଡା ପଞ୍ଚାୟତ ଏମ୍‌ଭି-୨୮ ଗ୍ରାମଠାରୁ ମାରକେଲଗୁଡ଼ା ଯିବା ରାସ୍ତାରେ ବହୁଦିନ ଧରି ଏକ ତଳିଆ ପୋଲ ରହିଥିବା ବେଳେ ବର୍ଷାଦିନେ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି ପ୍ରାୟ ୪ରୁ ଊର୍ଦ୍ଧ୍ୱ ଗ୍ରାମବାସୀ। ଚଳିତ ଲଘୁଚାପଜନିତ ୨ ଦିନର ଲଗାଣ ବର୍ଷାରେ ଏମ୍‌ଭି-୨୮ ଗ୍ରାମଠାରୁ ମାରକେଲଗୁଡା ଯିବାକୁ ଥିବା ରାସ୍ତାରେ ଏକ ତଳିଆ ପୋଲ ରହିଛି। ସେହି ପୋଲ ଦେଇ ମାରକେଲଗୁଡା କଲୋନି ସମେତ ବହୁ ଗ୍ରାମକୁ ଯିବାର ମୁଖ୍ୟ ରାସ୍ତା ହୋଇଥିବାରୁ ପ୍ରତି ଦିନ ସେହି ରାସ୍ତାଦେଇ ବହୁ ଲୋକ ଯିବା ଆସିବା କରିବା ସହିତ ମାରକେଲଗୁଡା କଲୋନି ଗ୍ରାମବାସୀ ମଧ୍ୟ ସେହି ରାସ୍ତାଦେଇ ଚାଷଜମିକୁ ଯିବା ଆସିବା କରିବା ସହିତ ନିଜ ନିଜର ଗୃହପାଳିତ ପ୍ରାଣୀମାନଙ୍କୁ ଚରାଇବାକୁ ପୋଲ ଦେଇ ଯିବା ଆସିବା କରିଥାନ୍ତି । ହେଲେ ଲଗାଣ ବର୍ଷା ଫଳରେ ବୁଧବାର ଉକ୍ତ ପୋଲ ଉପରେ ୨ଫୁଟରୁ ଅଧିକ ପାଣି ହୋଇଯିବା ଫଳରେ ସେହି ରାସ୍ତା ଦେଇ ଯାନବାହନ ଯିବା ଆସିବା ବନ୍ଦ ହୋଇଯାଇଛି। ନିଜ ନିଜର ଚାଷଜମିକୁ ଯିବା ପାଇଁ ଲୋକେ ବାଧହୋଇ ସେହି ପାଣିରେ ପଶି ଯିବା ଆସିବା କରିବା ସହ ଗୃହପାଳିତ ପ୍ରାଣୀଙ୍କୁ ଚରାଇବା ଲାଗି ନେଇ ଯାଉଛନ୍ତି। ତୁରନ୍ତ ଏଥିପ୍ରତି ଧ୍ୟାନଦେବାକୁ ଲୋକେ ଦାବି କରିଛନ୍ତି ।

# ସଂସାଧନ ସଭ୍ୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ମାଲକାନଗିର,୬।୯(ଦୁର୍ଯ୍ୟୋଧନ ପାତ୍ର)**

ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୁଲ୍ୟରେ ଚାଲିଥିବା ୨ ଦିନିଆ ସଂସାଧନ ପ୍ରଶିକ୍ଷଣ ଶିବିର ବୁଧବାର ଉଦ୍‌ଯାପିତ ହୋଇ ଯାଇଛି। ଦ୍ୱିତୀୟ ଦିନ କାର୍ଯ୍ୟକ୍ରମରେ ଜିଲା କ୍ରୀଡା ଅଧିକାରୀ ଧ୍ରୁବଚରଣ ମୁଦୁଲି ଯୋଗଦେଇ ହକି ଉପରେ ବିଶେଷ ପ୍ରାଧାନ୍ୟ ଦେଇ କ୍ରୀଡାର ଉନ୍ନତୀକରଣ ଉପରେ ଆଲୋକ ପାତ କରିବା ସହ ପାରମ୍ପରିକ ଲୋକ କଳା ଓ ସଂସ୍କୃତିକୁ ବଞ୍ଚାଇବାକୁ ହେଲେ ଏହାକୁ ଲିପିବଦ୍ଧ କରି ରଖିବାକୁ ହେବ ବୋଲି କହିଥିଲେ। ରାଜ୍ୟ ସଂଶାଧନ ବିଶେଷଜ୍ଞ ଗୁପ୍ତେଶ୍ୱର ପାଣିଗ୍ରାହୀ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସମସ୍ତ ସଭ୍ୟଙ୍କୁ ପାରମ୍ପାରିକ ଲୋକ କଳା ଓ ସଂସ୍କୃତିକୁ ବଜାୟ ରଖି ସରକାରଙ୍କ ଯୋଜନାଗୁଡିକୁ ପ୍ରଚାର ପ୍ରସାର କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ। ଉପସ୍ଥିତ ୭ ବ୍ଲକର ସଭ୍ୟ ନିଜର ପାରମ୍ପାରିକ ଲୋକ କଳା ମାଧ୍ୟମରେ ଯୋଜନାଗୁଡିକର କିଭଳି ପ୍ରଚାର ପ୍ରସାର କରିବେ ତାହା ପ୍ରଦର୍ଶନ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଧି, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସସ୍ମିତା ସ୍ୱାଇଁ, ସହକାରୀ ଶ୍ରମ ଅଧିକାରୀ ପୂର୍ଣ୍ଣିମା ଦୁରୁକା ଯୋଗ ଦେଇଥିବା ବେଳେ ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା କଳା ସଂସ୍କୃତି ସଂଘ ଉପସଭାପତି ଘେନୁ ମୁଦୁଲି, ବରିଷ୍ଠ କଳାକାର ଅନାଦି କଡା, ହରେକୃଷ୍ଣ କୀର୍ତ୍ତନିଆ, ରଞ୍ଜନ ମହାନ୍ତି, ୭ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଓ ଜିଲା ସଂସ୍କୃତି ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ।



ଉଦ୍‌ଯାପନୀ ଦିବସରେ ଅତିଥିଙ୍କ ସହ ପ୍ରଶିକ୍ଷକ ।

# ଗୁରୁଦିବସରେ ୪ ଶିକ୍ଷୟିତ୍ରୀ ଶିକ୍ଷକ ସମ୍ବର୍ଦ୍ଧିତ

**ବାଲିମେଳା,୬।୯(ଶିବଦତ୍ତ ସାହୁ)**

ବାଲିମେଳା ଏନ୍‌ଏସି ଟାଉନହଲ୍‌ରେ ପ୍ରାଥମିକ ଶିକ୍ଷୟିତ୍ରୀ ଶିକ୍ଷକ ସଂଘ ଦ୍ୱାରା ଗୁରୁଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ନଗରପାଳ ପ୍ରଦୀପ କୁମାର ନାୟକ, ମହାବିଦ୍ୟାଳୟ ଅଧ୍ୟକ୍ଷ ରବୀନ୍ଦ୍ରନାଥ ପାତ୍ର, ଗୋଷ୍ଠୀ ଶିକ୍ଷା ଅଧିକାର ଗାୟତ୍ରୀ ଦେବୀ,ମାଥିଲି ବ୍ଲକ ଅଧ୍ୟକ୍ଷ ମହେଶ ବାକା, ଖଇରପୁଟ ବ୍ଲକ ଅଧ୍ୟକ୍ଷ ବିମ୍ବ କିର୍ସାନି,ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁଶୀଳା ହିଆଲ, ଗଜେନ୍ଦ୍ର ମଲ୍ଲିକ, ସତ୍ୟସେନ ଜେନା,ପଦ୍ମିନୀ ସିଂ ଓ ମଞ୍ଜୁରାଣୀ ଚକ୍ରବର୍ତ୍ତୀ ପ୍ରମୁଖ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ପଦ୍ମିନୀ ଦେଈ, ପଦ୍ମନାଭ ରାଉତ, ଚାରୁଲତା ନନ୍ଦ ଓ ଅନସୂୟା ସାହୁଙ୍କୁ ପୁଷ୍ପଗୁଚ୍ଛ ସହ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଅସରାଏ ବର୍ଷାରେ ନବରଙ୍ଗପୁର ସହର ବେହାଲ

**ନବରଙ୍ଗପୁର,୬।୯(ସଦାଶିବ ପ୍ରହରାଜ)**

ନବରଙ୍ଗପୁରରେ ବୁଧବାର ସନ୍ଧ୍ୟାରେ ପ୍ରବଳ ବର୍ଷା ଯୋଗୁ ସହର ଜଳମଗ୍ନ ହୋଇପଡ଼ିଛି। ସହରର ଗାନ୍ଧୀନଗରରେ ଲୋକଙ୍କ ଘରେ ନାଳ ପାଣି ପଶି ଯାଇଥିବା ଦେଖିବାକୁ ମିଳିଛି। ଗାନ୍ଧୀନଗରର ରଘୁନାଥ ସଡଙ୍ଗି, ନୃସିଂହ ପ୍ରସାଦ ପାଢ଼ୀ, ଶ୍ୟାମ ଜେନା ଏବଂ ଆଖ ପାଖର ପ୍ରାୟ ୫ରୁ ଅଧିକ ଘରେ ପ୍ରବଳ ବର୍ଷା ଯୋଗୁ ପ୍ରାୟ ଆଣ୍ଠୁଏ ଉଚ୍ଚତାର ପାଣି ଜମିଛି। ଏ ନେଇ ସ୍ଥାନୀୟ ବାସିନ୍ଦା କାଉନସିଲର ଅମିତ ପ୍ରଧାନଙ୍କୁ ଜଣାଇବା ପରେ ତୁରନ୍ତ ପୌର ନିର୍ବାହୀ ଅଧିକାରୀ ପ୍ରାଣ ନାଥ ସେଠଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପୌର ପ୍ରଶାସନ ପକ୍ଷରୁ ଜେସିବି ମେଶିନ ଓ ପାଣି ପମ୍ପ ସାହାଯ୍ୟରେ ଜଳ ନିଷ୍କାସନ ପାଇଁ ପଦକ୍ଷେପ ଆରମ୍ଭ ହୋଇଛି । ସେହିଭଳି ପ୍ରବଳ ବର୍ଷା ଯୋଗୁ ଅଗ୍ନିଶମ କାର୍ଯ୍ୟାଳୟ ନିକଟରେ ନାଗେଶ୍ୱରୀ ଜେନାଙ୍କ ଘର ଭୁଶୁଡ଼ି ପଡିଥିବାବେଳେ ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଖବର ପାଇ ଅଗ୍ନିପୁରର ଆରଆଇ ଜୟଦେବ ପ୍ରଧାନୀ ପହଞ୍ଚି କ୍ଷତିଗ୍ରସ୍ତ ପରିବାରଙ୍କୁ ଭେଟି ଏକ ରିପୋର୍ଟ ପ୍ରସ୍ତୁତ କରି ତାଜସିଲଦାରଙ୍କୁ ପ୍ରଦାନ କରିଛନ୍ତି। ସେହିଭଳି ନବରଙ୍ଗପୁର ସହର ମଧ୍ୟ ଭାଗ ଦେଇ ଯାଇଥିବା ୨୬ ନମ୍ବର ଜାତୀୟ ରାଜପଥ ରାସ୍ତାରୁ ଡ୍ରେନ ଉଚ୍ଚରେ ରହିବା ଦ୍ୱାରା ରାସ୍ତା ଉପରେ ପାଣି ଲହଡି ମାରୁଛି ।



# ମିଶନ ଇନ୍ଦ୍ରଧନୁଷ୍ ନିମନ୍ତେ ଜିଲାସ୍ତରୀୟ କର୍ମଶାଳା

**ମାଲକାନଗିରି,୬।୯(ଦୁର୍ଯ୍ୟୋଧନ ପାତ୍ର)**

ଜଲା ସ୍ୱାସ୍ଥ୍ୟ ସମିତି ଦ୍ୱାରା ରକ୍ତଭଣ୍ଡାର ସଭା ଗୃହରେ ମିଶନ ଇନ୍ଦ୍ରଧନୁଷ ୫ମ ସଂସ୍କରଣ କାର୍ଯ୍ୟକ୍ରମ ନିମନ୍ତେ ଜିଲାସ୍ତରୀୟ ସମସ୍ତ ବିଭାଗର ସମନ୍ୱିତ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଜିଲାପାଳ ବିଶାଲ ସିଂ ଅଧ୍ୟକ୍ଷତା କରିଥିବା ବେଳେ ଅତିରିକ୍ତ ଜିଲାପାଳ ତ୍ରିନାଥ ମାଝି, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରଫୁଲ୍ଲ କୁମାର ନନ୍ଦ ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ। ସେପ୍ଟେମ୍ବର ୧୧ ରୁ ୧୬ ତାରିଖ ପର୍ଯ୍ୟନ୍ତ, ଅକ୍ଟୋବର ୯ ରୁ ୧୪ ପର୍ଯ୍ୟନ୍ତ ଓ ନଭେମ୍ବର ୬ ରୁ ୧୧ ତାରିଖ ପର୍ଯ୍ୟନ୍ତ ଆମ ଜିଲାରେ ମିଶନ ଇନ୍ଦ୍ରଧନୁଷ ଟୀକାକରଣ କାର୍ଯ୍ୟକ୍ରମ ମାଧ୍ୟମରେ ଗର୍ଭବତୀ ଏବଂ ୫ ବର୍ଷରୁ କମ୍ ବୟସ ଶିଶୁମାନଙ୍କର ବାକି ଥିବା ଟୀକାକୁ ପୂରଣ କରିବା ପାଇଁ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି। ବିଶେଷ କରି ସହରର ବସ୍ତି ବାସିନ୍ଦା ଏବଂ ଗ୍ରାମାଞ୍ଚଳ ଅପହଞ୍ଚ ଇଲାକାର ଗ୍ରାମଗୁଡିକରେ ଶିଶୁ ଓ ଗର୍ଭବତୀଙ୍କୁ ଟୀକାକରଣ ନିମନ୍ତେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇଛି। କର୍ମଶାଳାରେ ଜିଲାର ବିଭିନ୍ନ ବିଭାଗର ସମସ୍ତ ଅଧିକାରୀ, ସମସ୍ତ ଭାରପ୍ରାପ୍ତ ମେଡିକାଲ ଅଫିସର ଓ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ । ଜିଲାର ଟୀକାକରଣ ତଥ୍ୟ ଡ. ବିଜୟ କୁମାର ସାହୁ ବୁଝାଇଥିଲେ ଏବଂ ଶିବ ପ୍ରସାଦ ପ୍ରହରାଜ ସହଯୋଗ କରିଥିଲେ।



କର୍ମଶାଳାରେ ଅଧିକାରୀମାନେ ଆଲୋଚନା କରୁଛନ୍ତି ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜନ୍ମାଷ୍ଟମୀ



**ମାଲକାନଗିର,୬।୯(ଦୁର୍ଯ୍ୟୋଧନ ପାତ୍ର):** ମାଲକାନଗିରି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ କୁନି କୁନି ଶିଶୁ ଓ ଗୁରୁଜୀ, ଗୁରୁମା, ଅଭିଭାବକ, ନିମନ୍ତ୍ରିତ ଅତିଥି ପରିଚାଳନା କମିଟି ଓ ସ୍ଥାନୀୟ ଜଗନ୍ନାଥ ମନ୍ଦିର ସଙ୍କୀର୍ତ୍ତନ ଦଳଙ୍କ ଉପସ୍ଥିତିରେ ଜନ୍ମାଷ୍ଟମୀ ଓ ଦଧିଭାଣ୍ଡ ଭଗ୍ନ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରବୀନ୍ଦ୍ର କୁମାର ମହାରଣାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନାରାୟଣ ଚନ୍ଦ୍ର ଭୋଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସଙ୍କୁଳ ପ୍ରମୁଖ କବିରାଜ ପ୍ରଧାନ, ସୋମନାଥ ପୃଷ୍ଟି, ଦିବାକର ପାଳ, ଅଧାପକ ସରୋଜ ଦାସ, ବେଣୁପାଣି ଖାଡଙ୍ଗା, ଶିକ୍ଷକ ପ୍ରମୋଦ କୁମାର ସେନାପତି ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ମନୋରଞ୍ଜନ ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ସହ ପ୍ରଧାନ ଆଚାର୍ଯ୍ୟ ଲକ୍ଷ୍ମୀଧର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ରାଧାକୃଷ୍ଣ ବେଶରେ ଛାତ୍ରୀଛାତ୍ର



**ଏମ୍‌ଭି ୭୯, ୬।୯(ଭିକି ବାରିକ):** କାଲିମେଳା ବ୍ଲକ ଏମ୍‌ଭି ୭୯ ସରସ୍ୱତୀ ଶିଶୁମନ୍ଦିରରେ ଜନ୍ମାଷ୍ଟମୀ ପାଳନ କରାଯାଇଥିଲା। କୁନି କୁନି ପିଲାମାନେ ରାଧାକୃଷ୍ଣ, ସୁଦାମା, କଂସ, ବସୁଦେବବେଶଧାରଣକରିସହରପରିକ୍ରମକରିଥିଲେ। ଏହିସମୟରେ ଗ୍ରାମବାସୀ ଫୁଲଚନ୍ଦନ ଦେଇ ସ୍ୱାଗତ କରିଥିଲେ। ପୌରାଣିକ କଥା ଅନୁସାରେ, ଦ୍ୱାପର ଯୁଗରେ ପ୍ରବଳ ପ୍ରତାପୀ କଂସଙ୍କୁ ବଧ କରିବା ନିମନ୍ତେ ମାନବ ରୂପରେ ଭଗବାନ ଶ୍ରୀକୃଷ୍ଣ ଧରାବତରଣ କରିଥିଲେ। ଧର୍ମର ରକ୍ଷା ଓ ଅଧର୍ମର ବିନାଶ ପାଇଁ ଭାଦ୍ରବ କୃଷ୍ଣପକ୍ଷ ଅଷ୍ଟମୀ ତିଥିର ମଧ୍ୟରାତ୍ରିରେ ଦେବକୀଙ୍କ ଗର୍ଭରୁ ଶ୍ରୀକୃଷ୍ଣ ଜନ୍ମ ନେଇଥିଲେ।

# ଚିତ୍ରକୋଣ୍ଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜନ୍ମାଷ୍ଟମୀ

**ଚିତ୍ରକୋଣ୍ଡା,୬।୯(କ୍ଷୀରୋଦ ବେହେରା):** ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ୭୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ରାଧାକୃଷ୍ଣ ଓ କଂସ ବେଶ ଧାରଣ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ବାନାମ୍ବର ପ୍ରଧାନଙ୍କ ନେତୃତ୍ୱରେ ଗୁରୁମା ସବିତା ମହାପାତ୍ର ଓ ଗୁରୁଜୀ ସୁବାସ ମାଝିଙ୍କ ସହଯୋଗରେ ଶିଶୁ ମନ୍ଦିର ବନ୍ଦନା ମଣ୍ଡପ ଠାରେ ସମସ୍ତ ବେଶଧାରୀ ଏବଂ ସାଜସଜ୍ଜା ବେଶଧାରୀ ଏବଂ ସମସ୍ତ ଗୁରୁଜୀ ଗୁରୁମା ଏକତ୍ରିତ ହୋଇ ଜନ୍ମାଷ୍ଟମୀ ଅବସରରେ ପୂଜାର୍ଚ୍ଚନା, ଦୀପ ପ୍ରଜ୍ୱଳନ, ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ, ପୁରସ୍କାର ପ୍ରଦାନ, ଗୀତ ଏବଂ ବାଦ୍ୟଯନ୍ତ୍ର ପରିବେଷଣ କାର୍ଯ୍ୟକ୍ରମ କରାଯାଇଥିଲା। ସେହିପରି ଚିତ୍ରକୋଣ୍ଡା ଡିଏଭି ଗୁରୁକୁଳରେ ମଧ୍ୟ ଜନ୍ମାଷ୍ଟମୀ ପାଳନ କରାଯାଇଥିଲା। ସେଇଭଳି ଅନ୍ୟ ସ୍ଥାନରେ ମଧ୍ୟ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି।

# ଜନ୍ମାଷ୍ଟମୀରେ କୃଷ୍ଣବେଶ ପ୍ରତିଯୋଗିତା



**ବାଲିମେଳା,୬।୯(ଶିବଦତ୍ତ ସାହୁ):** ବାଲିମେଳା ସହରରେ ଜନ୍ମାଷ୍ଟମୀ ଉତ୍ସବ ପାଳନ କରାଯାଇଛି। ସହରରେ ଥିବା ଶ୍ରୀଜଗନ୍ନାଥ ମନ୍ଦିର, ଆଖଣ୍ଡଳମଣି ମନ୍ଦିର ଓ ଅନ୍ୟାନ୍ୟ ସମସ୍ତ ମନ୍ଦିରରେ ସକାଳେ ଏବଂ ସନ୍ଧ୍ୟାରେ ଶତାଧିକ ଭକ୍ତଙ୍କ ଭିଡ଼ ଜମିଥିଲା। ଏହି ଅବସରରେ ବାଲିମେଳା ସହରରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସ୍କୁଲ ପରିଚାଳନା କମିଟି ପକ୍ଷରୁ ସମସ୍ତ ଶିଶୁବାଟିକାର ପିଲାମାନଙ୍କୁ ନେଇ ଶ୍ରୀକୃଷ୍ଣଙ୍କ ବେଶ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତାରେ ୪୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ ବାଲିମେଳା ଜଳବିଦ୍ୟୁତ୍ କେନ୍ଦ୍ର ୟୁନିଟ୍ ହେଡ୍ ଶିବପ୍ରସାଦ ରାଓ, ସମ୍ମାନିତ ଅତିଥି ଏନ୍‌ବିସିସି ପ୍ରୋଜେକ୍ଟ ମ୍ୟାନେଜର ଧର୍ମେନ୍ଦ୍ର ସିଂ, ଆଦିତ୍ୟ ଇନ୍‌ଷ୍ଟ୍ରକ୍ଟରର ପ୍ରୋଜେକ୍ଟ ମ୍ୟାନେଜର ଆଶୁତୋଷ ବାବୁ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟ ସମ୍ପାଦକ ବିଜୟ କୁମାର ରାଉତ, ସଭାପତି କୃପାସିନ୍ଧୁ ବିଶ୍ୱାଳ, ଯୁଗ୍ମ ସମ୍ପାଦକ ପ୍ରଦ୍ୟୁମ୍ନ ସ୍ୱାଇଁ, ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ସାମଲଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ କରାଯାଇଥିଲା।

# ସିଆରପିଏଫ ୨ୟ ବାଟାଲିୟନର ସାଂସ୍କୃତିକ କାର୍ଯ୍ୟକ୍ରମ



**ଗୁରୁ ଦିବସ**

ମାଲକାନଗିରି,୬।୯(ଦୁର୍ଯ୍ୟୋଧନ ପାତ୍ର): ମାଲକାନଗିରି ଜିଲା ସୀମନ୍ତ ଛତିଶଗଡ ସୁକୁମା ଜିଲା ଗାଦିରସ ଗ୍ରାମ ସିଲେଇ ତାଲିମ କେନ୍ଦ୍ରରେ ସିଆରପିଏଫ ୨ୟ ବାଟାଲିୟନ କମାଣ୍ଡାଣ୍ଟ ରତିକାନ୍ତ ବେହେରାଙ୍କ ନିର୍ଦ୍ଦେଶରେ ଗୁରୁ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଦୟାଲବାଗ ବିଶ୍ୱବିଦ୍ୟାଳୟ, ଆଗ୍ରା ପ୍ରଶିକ୍ଷକ ବିଜୟେନ୍ଦ୍ର କୁମାର, ଭୁପେନ୍ଦ୍ର ଜୀ, ୪୨ ମହିଳା ସିଲେଇ ପ୍ରଶିକ୍ଷକଙ୍କୁ ନେଇ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ୨ ବାଟାଲିୟନ କମାଣ୍ଡାଣ୍ଟ, ମାଓବାଦୀ ପ୍ରଭାବିତ ଅଞ୍ଚଳର ଲୋକଙ୍କୁ ସୁରକ୍ଷା ଦାୟିତ୍ୱ ସହିତ ମାଗଣା ସିଲେଇ ତାଲିମ ଦେଇ ଆଦିବାସୀ ମହିଳା ଓ ବାଳିକାମାନଙ୍କୁ ଆତ୍ମ ନିର୍ଭର କରିବାରେ ଅବଦାନ ରଖିଛନ୍ତି। କମାଣ୍ଡାଣ୍ଟ ରତିକାନ୍ତ ଶିକ୍ଷକ ଦିବସର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। କମ୍ପାନୀ କମାଣ୍ଡର ରାଜୀବ କୁମାର, ସହ କମାଣ୍ଡାଣ୍ଟ ଡିଆଇ ନିର୍ଦ୍ଦେଶକ ବିଜୟନ୍ଦ୍ର କୁମାର, ଭୂପେନ୍ଦ୍ର ଜିତ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବୁଡିଲା ବଙ୍ଗଲାଗୁଡା ପୋଲ
### କୋରାପୁଟ -ରାୟଗଡା ଗାଡି ଚଳାଚଳ ବନ୍ଦ

କୋରାପୁଟ,୬।୯(ଅମିତାଭ ବେହେରା )

ବୁଧବାର ସନ୍ଧ୍ୟାରେ କୋରାପୁଟରେ ପ୍ରବଳ ବର୍ଷା ହୋଇଛି। ଫଳରେ କୋରାପୁଟ -ରାୟଗଡା ୩୨୬ ନଂ. ଜାତୀୟ ରାଜପଥର ବଙ୍ଗଳାଗୁଡା ପୋଲ ବୁଡିଯାଇଛି। ପୋଲ ଉପରେ ୪ଫୁଟ୍‌ର ବର୍ଷାଜଳ ପ୍ରବାହିତ ହେଉଛି।

### କୋରାପୁଟରେ ପ୍ରବଳ ବର୍ଷା

କୋରାପୁଟ,୬।୯(ଅମିତାଭ ବେହେରା )

କୋରାପୁଟରେ ବୁଧବାର ଅପରାହ୍ନ ପ୍ରବଳ ବର୍ଷା ହୋଇଛି। ଏଥିଯୋଗୁ ସହରରେ ଜନଜୀବନ ଏକପ୍ରକାର ଅସ୍ତବ୍ୟସ୍ତ ହୋଇପଡିଛି। ସହରର ବିଭିନ୍ନ ସ୍ଥାନରେ ବର୍ଷା ପାଣି ଜମି ରହିଥିବା ବେଳେ କେତେକ ୱାର୍ଡର କେତେକ ଘରେ ବର୍ଷା ପାଣି ପଶିଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ଖଣି କାର୍ଯ୍ୟାଳୟ ସମ୍ମୁଖ ୨୬ ନଂ. ଜାତୀୟ ରାଜପଥରେ ୩ଫୁଟର ବର୍ଷାପାଣି ପ୍ରବାହିତ ହେଉଛି। ବୁଧବାର କୋରାପୁଟ ଜିଲାରେ ସର୍ବାଧିକ ୨୯୩.୫ମି.ମି. ବର୍ଷା ହୋଇଥିବା ଜିଲା ଜରୁରୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ କହିଛନ୍ତି।

### ଜୟପୁରରେ ଜନ୍ମାଷ୍ଟମୀ

ଜୟପୁର, ୬।୯ (ପବନ ପାଣିଗ୍ରାହୀ)

ଜୟପୁରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉତ୍ସବ ବୁଧବାର ପାଳିତ ହୋଇଛି । ଏହି ଅବସରରେ ଜୟପୁର ଜଗନ୍ନାଥ ମନ୍ଦିରରେ ଜଗନ୍ନାଥଙ୍କୁ କୃଷ୍ଣ ବେଶରେ ସଜ୍ଜିତ କରାଯାଇଥିଲା। ଶ୍ରୀଜୀଉ ଙ୍କ ନିକଟରେ ସ୍ୱତନ୍ତ୍ର ଆଳତି କରାଯାଇଥିଲା। ସେହିପରି ଗୀତଭବନରେ ମଧ୍ୟ ଜନ୍ମାଷ୍ଟମୀ ପାଳିତ ହୋଇଛି । ରଘୁନାଥ ମନ୍ଦିରରେ ପ୍ରଭୁ ରାମଙ୍କୁ କୃଷ୍ଣ ବେଶ କରାଯାଇଥିଲା। ବଲ୍ଲଭ ନାରାୟଣଙ୍କୁ ମଧ୍ୟ କୃଷ୍ଣ ବେଶ, କଣ୍ଡରା ସାହିସ୍ଥିତ ଲକ୍ଷ୍ମୀ ନୃସିଂହ ମନ୍ଦିରରେ ପ୍ରଭୁଙ୍କ କୃଷ୍ଣ ବେଶହୋଇଥିବା ଦେଖିବାକ ମିଳିଥିଲା। ଏହି ଅବସରରେ ପାର୍କ ଲାଇନସ୍ଥିତ କାଳି କୃଷ୍ଣସଂଘ ପକ୍ଷରୁ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା।

### ଗୁରୁଦିବସ ପାଳିତ

ବୋରିଗୁମ୍ମା, ୬।୯(ବିଜୟ ସାହୁ)

ବୋରିଗୁମ୍ମାରେ ପାଳିତ ହୋଇଛି ପବିତ୍ର ଗୁରୁଦିବସ। ଧଉଡାପାଲା ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଏନ.କାମେଶ୍ୱର ରାଓ କଟକସ୍ଥିତ ସାରଳାଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ଆଦର୍ଶ ଗୁରୁ ସମ୍ମାନରେ ସର୍ବପଲ୍ଲୀ ଗୁରୁ ସମ୍ମାନ-୨୦୨୩ରେ ସମ୍ମାନିତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ ବୈଜୟନ୍ତି ମିଶ୍ର ଉଦ୍‌ଘାଟନ କରିଥିଲେ। ନମିତା ପଣ୍ଡା, ସଭାପତି,ରତ୍ନାକର ରାଉତ ଏବଂ ସ୍ୱତନ୍ତ୍ର ଅତିଥି ଭାବେ ମାନ୍ୟବର ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ ଉପସ୍ଥିତ ଥିଲେ। ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ ପରିଚାଳନା କରିଥିଲେ। ସେହିପରି ନନ୍ଦପୁରରେ ମଧ୍ୟ ଗୁରୁଦିବସ ପାଳିତ ହୋଇଛି। ଗୁରୁମାନେ ବିଭିନ୍ନ ଦିଗରେ ମାର୍ଗଦର୍ଶନ କରିଛନ୍ତି।

### ଆରମ୍ଭ ହେଲା ୪ ମନ୍ଦିରର ବିକଶ କାର୍ଯ୍ୟ

ଜୟପୁର, ୬।୯ (ପବନ ପାଣିଗ୍ରାହୀ)

ଜୟପୁର ଜଗନ୍ନାଥ ମନ୍ଦିର, ବଲ୍ଲଭ ନାରାୟଣ ମନ୍ଦିର, ମା' ଭଗବତୀ ମନ୍ଦିର ଓ ଲକ୍ଷ୍ମୀ ମନ୍ଦିରର ବିକାଶ ଓ ମରାମତି କାର୍ଯ୍ୟ ପବିତ୍ର ଜନ୍ମାଷ୍ଟମୀ ଅବସରରେ ଆରମ୍ଭ ହୋଇଛି । ଜଗନ୍ନାଥ ମନ୍ଦିର ନିର୍ମାଣ କରିଥିବା କାରିଗର କାର୍ତ୍ତିକ ମହାରଣା, ରାସ୍ତା ଓ ଗୃହ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ କ୍ଷୀରଧର କନ୍ଦପାଣି, ଏସଡିଓ ସୋମନାଥ ତ୍ରିପାଠୀ, ତହସିଲଦାର ସାଗରିକା ଷଡଙ୍ଗୀ, ଜଗନ୍ନାଥ ସେବା ସମିତି ସଭାପତି ନରେନ୍ଦ୍ରନାଥ ନାୟକ, ସମ୍ପାଦକ ସ୍ୱାଧୀନ ସାହୁଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଜଗନ୍ନାଥ ଓ ବଲ୍ଲଭ ନାରାୟଣଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇ ଜଗନ୍ନାଥ ମନ୍ଦିର ନିର୍ମାଣ ନେଇ କାରିଗର ଶୁଭ ଦେଇଥିଲେ। ସୂଚନାଯୋଗ୍ୟ, ବିଗତ ଦିନରେ ୫-ଟି ସଚିବ ଭିକେ ପାଣ୍ଡିଆନ ଜଗନ୍ନାଥ ମନ୍ଦିର, ଭଗବତୀ ମନ୍ଦିର ଓ ବଲ୍ଲଭ ନାରାୟଣ ମନ୍ଦିର ପରିଦର୍ଶନ କରି ମନ୍ଦିରର ବିକାଶ ଓ ମରାମତି ପାଇଁ ୧ କୋଟି ୨୦ ଲକ୍ଷ ଟଙ୍କାର ସ୍ୱତନ୍ତ୍ର ଅନୁଦାନ ମଞ୍ଜୁର ହୋଇଥିବା ସୂଚନା ଦେଇଥିଲେ। ଏଠାରେ ଜଗନ୍ନାଥମନ୍ଦିର କବାଟ, ମୁଖ୍ୟ ଗେଟ୍, ନାଟ୍ୟମନ୍ଦିର, ବଲ୍ଲଭ ନାରାୟଣ ମନ୍ଦିର, ଭଗବତୀ ମନ୍ଦିରର ଦ୍ୱାରାପାଳ, ଲକ୍ଷ୍ମୀମନ୍ଦିର ରେଲିଂ ଓ ପେଣ୍ଟିଂ କାମ ହେବ।

# ପଲିଥିନ ଗୋଦାମ ଦୁଆର ମାଡୁନାହାନ୍ତି ପୌର କର୍ମଚାରୀ

ସୁନାବେଡ଼ା/ ସେମିଳିଗୁଡ଼ା, ୬।୯
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

## ଖୁଚୁରା ବ୍ୟବସାୟୀଙ୍କ ଅଭିଯୋଗ

ଖୁଚୁରା ବ୍ୟବସାୟୀଙ୍କୁ ହଇରାଣ କରୁଛି ପୌର ପ୍ରଶାସନ। ଏପରି ଅଭିଯୋଗ ଆଣିଛନ୍ତି ସୁନାବେଡ଼ା ଅଞ୍ଚଳର କେତେଜଣ ଖୁଚୁରା ବ୍ୟବସାୟୀ। ରାଜ୍ୟ ସରକାର କିଛି ବର୍ଷ ତଳେ ପଲିଥିନ ବ୍ୟବହାରକୁ ନିଷେଧ କରିଥିଲେ। ସେଥିପାଇଁ ନିୟମ ମଧ୍ୟ କରିଥିଲେ। ନିୟମ ଉଲ୍ଲଂଘନକାରୀ ଜରିମାନା ଦେବା ବ୍ୟବସ୍ଥା ମଧ୍ୟ ହୋଇଥିଲା। ଏବେ ସେହି ନିୟମରେ ପେଷି ହେଉଛନ୍ତି ରାସ୍ତାକଡ ଉଠାଦୋକାନୀ ଓ ଖୁଚୁରା ବ୍ୟବସାୟ କରୁଥିବା ବ୍ୟବସାୟୀ। ସେମାନେ ଅଭିଯୋଗ କରିଛନ୍ତି, ପୌର ପ୍ରଶାସନର ଅଧିକାରୀମାନେ ପଲିଥିନ ତଲାସି ନାଁରେ କେବଳ ଛୋଟମୋଟ ବ୍ୟବସାୟୀଙ୍କ ଉପରେ ଚଢାଉକରି ଜରିମାନା ଆଦାୟ କରୁଛନ୍ତି। ପଲିଥିନ ଗୋଦାମଗୁଡିକର ଦୁଆର ମାଡୁ ନାହାନ୍ତି। ଏଠାରେ ଗୋଦାମରେ ଯେଉଁ ପଲିଥିନ ମିଳୁଛି ସେହି ପଲିଥିନକୁ ସେମାନେ ବ୍ୟବହାର କରୁଛନ୍ତି। ଏହା ସତ୍ତ୍ୱେ ପୌର ପ୍ରଶାସନ ଆମଠାରୁ କାହିଁକି ଜରିମାନା ଆଦାୟ କରୁଛି ବୋଲି ବ୍ୟବସାୟୀମାନେ ପ୍ରଶ୍ନ ଉଠାଇଛନ୍ତି। ସରକାର ପଲିଥିନ ବ୍ୟବହାର ଉପରେ ଅଙ୍କୁଶ ଲଗାଇଛନ୍ତି । ପ୍ରଥମେ ଗୋଦାମ ଉପରେ ଚଢ଼ାଉ ହେଉ ବୋଲି ସେମାନେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଏବେ ଉଭୟ ସୁନାବେଡ଼ା ଓ ସେମିଳିଗୁଡ଼ା ଅଞ୍ଚଳରେ ବହୁଳ ପରିମାଣରେ ପଲିଥିନ ବ୍ୟବହାର ହେଉଛି। ଲୋକେ ଆଉ ବଜାରକୁ ବ୍ୟାଗ ଧରି ଆସୁନାହାନ୍ତି। ବ୍ୟବସାୟ କରିବାକୁ ଅନ୍ୟ ଉପାୟ ନ ପାଇ ଆମେ ସେମାନଙ୍କୁ ପଲିଥିନରେ ସାମଗ୍ରୀ ଦେଉଛୁ। ଯଦି ବନ୍ଦ ହେବା କଥା, ସବୁ କ୍ଷେତ୍ରର ପଲିଥିନ ବ୍ୟବହାର ବନ୍ଦ ହେଉ। ଅଯଥା ଆମ ପରି ଖୁଚୁରା ବ୍ୟବସାୟୀଙ୍କ ଉପରେ ପୌର ପ୍ରଶାସନ ଦାଉ ନ ସାଧୁଛି ବୋଲି ବ୍ୟବସାୟୀମାନେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସୁନାବେଡ଼ା ପୌର ନିର୍ବାହୀ ଅଧିକାରୀ ନାରାୟଣ ନାୟକଙ୍କୁ ପଚାରିବାରୁ ସେ କହିଲେ, ଏପରି ଅଭିଯୋଗ ନଜରକୁ ଆସିନାହିଁ। ଯଦି ଏପରି ହେଉଥିବ ତେବେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଭାଜପା ପକ୍ଷରୁ ପଞ୍ଚାୟତ ଘେରାଉ, ଦାବିପତ୍ର ପ୍ରଦାନ


ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରିଥିବା ଭାଜପା କର୍ମକର୍ତ୍ତାମାନେ।

ନନ୍ଦପୁର, ୬।୯(ଶଙ୍କର ପୂଜାରୀ)

ନନ୍ଦପୁର ବ୍ଲକ ଭାଜପା ପକ୍ଷରୁ ବୁଧବାର ପରଜା ବଡ଼ପଡ଼ା ଓ ଗୋଲୁର ପଞ୍ଚାୟତରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଶତାଧିକ କର୍ମୀ ଓ କର୍ମକର୍ତ୍ତା ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରି ରାଜ୍ୟ ସରକାର କେନ୍ଦ୍ରୀୟ ଯୋଜନାଗୁଡ଼ିକୁ ବାଟବଣା କରୁଥିବା ଅଭିଯୋଗ କରିଥିଲେ। ଏମ୍‌ଜିଏନଆରଇଜିଏସରେ ଶ୍ରମିକଙ୍କ ନାଁରେ ପିସି କାରବାର ବନ୍ଦ କରିବାକୁ କର୍ମକର୍ତ୍ତାମାନେ ଦାବି କରିଥିଲେ। ଏହି ଅବସରରେ ଦଳ ପକ୍ଷରୁ ଗ୍ରାମବାସୀଙ୍କ ଦସ୍ତଖତ ସଂଗ୍ରହ କରି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଅଗାମୀ ଦିନରେ ନନ୍ଦପୁର ବ୍ଲକର ୨୩ ପଞ୍ଚାୟତରେ ଏଭଳି ଆନ୍ଦୋଳନ କରାଯିବ। ବିଗତ ୫ଦିନରେ ୯ ପଞ୍ଚାୟତ ଖୁର୍ଜି, ହିକିମପୁଟ, ଥୁବା, ବାଡେଲ, କୁଲାବିର, ଚାଟୁଆ ପଞ୍ଚାୟତରେ ଆନ୍ଦୋଳନ କରାଯାଇଥିବା ଅବଗତ କର୍ମୀ ଓ କର୍ମକର୍ତ୍ତାଙ୍କୁ ଅବଗତ କରାଯାଇଥିଲା। ପାଡୁଆ ମଣ୍ଡଳ ସଭାପତି ସୁଦର୍ଶନ ପାଙ୍ଗିଙ୍କ ସମେତ ଭାଜପା କର୍ମୀମାନେ ଏଥିରେ ସାମିଲ ହୋଇଥିଲେ।

# ଅଭିନୟରେ ଅନ୍ତେବାସୀ ଦେଖାଇଲେ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା


କୃଷ୍ଣ ବେଶରେ ଗୁରୁକୂଳ ଛାତ୍ରୀଛାତ୍ର।

କୋରାପୁଟ,୬।୯(ଅମିତାଭ ବେହେରା)

ବୁଧବାର ଥିଲା ଜନ୍ମାଷ୍ଟମୀ। ଶ୍ରୀକୃଷ୍ଣଙ୍କ ଜନ୍ମଦିନକୁ ସମଗ୍ର ବିଶ୍ୱ ଆନନ୍ଦ ଉଲ୍ଲାସର ସହ ପାଳନ କରୁଥିବା ଏଥିରୁ କୋରାପୁଟ ଜିଲା ବାଦ ପଡିନି। କୋରାପୁଟ ମଣ୍ଡଳ କାରାଗାରରେ ଅନ୍ତେବାସୀମାନେ ନିଆରା ଢଙ୍ଗରେ ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ ପାଳନ କରିଛନ୍ତି। କାରାଗାର କକ୍ଷରେ ଶ୍ରୀକୃଷ୍ଣ ଜନ୍ମ ହେବାଠାରୁ ଆରମ୍ଭ କରି ମଥୁରାରେ ନନ୍ଦ ରାଜାଙ୍କ ଘରକୁ ଯିବା ପର୍ଯ୍ୟନ୍ତ ସମଗ୍ର ଘଟଣାକ୍ରମକୁ କାରାଗାର ମହିଳା ଅନ୍ତେବାସୀ ମାନେ ନିଖୁଣ ଅଭିନୟ କରି ପ୍ରକାଶ କରିଛନ୍ତି।

## ମଣ୍ଡଳ କାରାଗାରରେ ଜନ୍ମାଷ୍ଟମୀ

ସେମାନଙ୍କ ଏହି ଅଭିନୟ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲା। ବସୁଦେବଙ୍କ ଭୂମିକାରେ ଥିବା ଜଣେ ଅନ୍ତେବାସିନୀ କାରାଗାରରେ ଶ୍ରୀକୃଷ୍ଣ ଜନ୍ମ ହେବା ମାତ୍ରେ ମାମୁ କଂସ ଆସି ତାଙ୍କୁ ହତ୍ୟା କରିବା ଲାଗି ଉଦ୍ୟମ କରିବା ପୂର୍ବରୁ ଏକ ବାଉଁଶ ଟୋକେଇରେ ସେ କୁନି ଶ୍ରୀକୃଷ୍ଣଙ୍କୁ ତୋଳିନେଇ ନିଜ ମୁଣ୍ଡରେ ଧରି ଯମୁନା ନଦୀ ପାର ହୋଇ ମଥୁରାରେ ମାତା ଯଶୋଦା ଶୋଇଥିବା ସମୟରେ ତାଙ୍କ ପାଖରେ ଛାଡିଦେଇ କାରାଗାରକୁ ଫେରି ଆସିବାର ତାଙ୍କର ନିଖୁଣ ଅଭିନୟ ସମସ୍ତଙ୍କୁ ଅଭିଭୂତ କରିଥିଲା। ଅନ୍ତେବାସିନୀ ରହୁଥିବା କାରାଗାର କକ୍ଷକୁ ଶ୍ରୀକୃଷ୍ଣଙ୍କ ଜନ୍ମସ୍ଥାନ ନିଆଯାଇଥିବା ବେଳେ ଅନ୍ତେବାସୀଙ୍କ ପାଇଁ ଉଦ୍ଦିଷ୍ଟ ପାଣିଟାଙ୍କିକୁ ଯମୁନା ନଈ ରୂପେ ଚିତ୍ରଣ କରାଯାଇଥିଲା। ଶ୍ରୀକୃଷ୍ଣ ଜନ୍ମ ହେବା ପରେ ମଥୁରାରେ ଗୋପୀଙ୍କ ଗହଣରେ ନନ୍ଦୋତ୍ସବ ପାଳନ ହୋଇଥିଲା । ଏଥିରେ ଅନ୍ତେବାସୀଙ୍କ ସନ୍ତାନଙ୍କ ମଧ୍ୟରୁ ଜଣକୁ ଶ୍ରୀକୃଷ୍ଣ ଓ ଅନ୍ୟଜଣକୁ ରାଧା ଭାବେ ସଜ୍ଜିତ କରି ଶ୍ରୀକୃଷ୍ଣଙ୍କ ଲହୁଣି ଖାଇବା ପର୍ବକୁ ଅଭିନୟରେ ପ୍ରଦର୍ଶିତ କରାଯାଇଥିଲା ବୋଲି କାରାଗାର ସୁପରିଣ୍ଟେଣ୍ଡେଣ୍ଟ ମନୋରଞ୍ଜନ ପ୍ରତିହାରୀ କହିଛନ୍ତି ।

# ଜୟପୁରରେ ଜନ୍ମାଷ୍ଟମୀ : କୁନି କୁନି ଶିଶୁ ଭାଙ୍ଗିଲେ ଦହିହାଣ୍ଡି

ଜୟପୁର,୬।୯(ପବନ ପାଣିଗ୍ରାହୀ)

ଜୟପୁର ଶାରଦାବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବୁଧବାର ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଶିଶୁଙ୍କ ଅଭିଭାବକ ସରୋଜ ମହାପାତ୍ର ଓ ଟିକିନା ଷଡ଼ଙ୍ଗୀ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ସତ୍ୟନାରାୟଣ ସେଠୀ ସଭାପତିତ୍ୱ କରିଥିଲେ। ବରିଷ୍ଠ ଶିକ୍ଷକ ରାଧାମୋହନ ପଣ୍ଡା ଅତିଥି ରୂପେ ଯୋଗଦେଇ ଶିଶୁଙ୍କୁ ଶ୍ରୀକୃଷ୍ଣଙ୍କ ପୂଜନ ଦିବସର ମହତ୍ତ୍ୱ, ଭଗବାନଙ୍କ ଅବତାରର ଲକ୍ଷ୍ୟ ସମ୍ପର୍କରେ କାହାଣୀ ମାଧ୍ୟମରେ ବୁଝାଇଥିଲେ। ଅଷ୍ଟାଦଶ ଶ୍ଳୋକ ଗୀତା ମନ୍ତ୍ର ପାଠ ଓ ପୂଜନ କରାଯାଇଥିଲା । ପରେ କୁନି କୁନି ଶିଶୁଙ୍କ ଦ୍ୱାରା ଦହିହାଣ୍ଡି ଭଙ୍ଗାଯାଇଥିଲା । ସମସ୍ତ ଶ୍ରୀକୃଷ୍ଣ ବେଶଧାରୀ ଶିଶୁଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ସ୍ଥାନୀୟ ଅରବିନ୍ଦନଗର ସରସତୀ ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି। କୋଷାଧକ୍ଷ ମିହିର ମିଶ୍ର ଅଧକ୍ଷତା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଲକ୍ଷ୍ମୀକାନ୍ତ ମିଶ୍ର ଭଗବାନ ଶ୍ରୀକୃଷ୍ଣଙ୍କ ଲୀଳା ସମ୍ପର୍କରେ ବୁଝାଇଥିଲେ। କଳ୍ପେଶ ଆୟୁଷ୍ମାନ ପୃଷ୍ଟି ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଅମିତା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶୁକଦେବ ସାହୁ, ମୋନାଲିସା ଜେନା, ବବିତା ମହାରଣା , ଏନ୍. ସବିତା, ସୁମିତା ପାଢ଼ୀ, ଆଶା ପଟ୍ଟନାୟକ, ସ୍ୱୀକୃତି ଦାସ, ଶିବାନୀ ନାୟକ, ସନ୍ତୋଷିନୀ ପାତ୍ର, ପି. ସୁଶୀଲା, ବବିତା ପାତ୍ର, ଅନିଲ ଶତପଥୀ, ଭାଗବତ ଷଡ଼ଙ୍ଗୀ , ଶ୍ୟାମା ପାଙ୍ଗୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ଷ୍ଟେଟ-କ୍ୟାଡର ପରିବର୍ତ୍ତେ ଜିଲାଭିତ୍ତିକ ନିଯୁକ୍ତି ଦାବି କଲା ଜିଲା ଜନଜାତି ସୁରକ୍ଷା ମଞ୍ଚ

ଡାବୁଗାଁ, ୬।୯ (ପ୍ରଜ୍ଞାରଞ୍ଜନ ପରିଡା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମାସ୍ଥିତ ପଥପ୍ରାନ୍ତ ସୁବିଧା କେନ୍ଦ୍ରଠାରେ ଜିଲା ଜନଜାତି ସୁରକ୍ଷା ମଞ୍ଚର ଏକ ଖବରଦାତା ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଜନଜାତି ସୁରକ୍ଷା ମଞ୍ଚ ସଭାପତି ଗୋପୀନାଥ ମାଝି ଯୋଗଦେଇ ନବରଙ୍ଗପୁର ଜିଲା ଅନୁନ୍ନତ ଓ ଆଦିବାସୀ ବହୁଳ ଜିଲା। ଏହା ଶିକ୍ଷା କ୍ଷେତ୍ରରେ ପଛୁଆ ହୋଇଥିବାରୁ ଷ୍ଟେଟ-କ୍ୟାଡର ପରିବର୍ତ୍ତେ ଜିଲାଭିତ୍ତିକ ନିଯୁକ୍ତି ଦାବି କରିଥିଲେ। ଏହାଦ୍ୱାରା ଜିଲାର ଅନେକ ଶିକ୍ଷିତ ଯୁବତୀଯୁବକ ଚାକିରି ପାଇପାରିବେ ବୋଲି ସେ ମତ ରଖିଥିଲେ। ସେ କହିଲେ ଯେ, ଆଦିବାସୀଙ୍କ ସରଳତାର ସୁଯୋଗ ନେଇ ତାଙ୍କ ଜମିଜମାକୁ ହାତେଇ ଅନ୍ୟ ସମ୍ପ୍ରଦାୟର ବ୍ୟକ୍ତି ବିଶେଷ ସରକାରୀ ଚାକିରି ହାତେଇ ସବୁ ଲାଭ ଉଠାଉଛନ୍ତି। ସମ୍ପୃକ୍ତ ନକଲି ଆଦିବାସୀଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଞ୍ଚ ସଭାପତି ମାଝି ଦାବି କରିଥିଲେ। ସେ କହିଲେ, ମାଳି ଓ ରଣା ସମ୍ପ୍ରଦାୟ ଶିକ୍ଷା, ଆର୍ଥିକ ଅବସ୍ଥା ଓ ସାମାଜିକ ଜୀବନ କ୍ଷେତ୍ରରେ ସାଧାରଣ ବର୍ଗଙ୍କ ସହିତ ସମାନ। ଏହି ୨ ସମ୍ପ୍ରଦାୟ ପଛୁଆ ଶ୍ରେଣୀ (ଓବିସି) ରୂପେ ପରିଚିତ। ବିକାଶ ପାଇଁ ପୂର୍ବରୁ ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ସେମାନେ ସତନ୍ତ୍ର ପଛୁଆ ବର୍ଗ ତାଲିକାଭୁକ୍ତ ହୋଇଛନ୍ତି । ଏମାନଙ୍କର ସତନ୍ତ୍ର ଭାବେ ମାନ୍ୟତା ଥିବା ସତ୍ତ୍ୱେ ଉକ୍ତ ଜାତିଙ୍କୁ ପୁନର୍ବାର ସ୍ୱତନ୍ତ୍ର ଆଦିବାସୀ ମାନ୍ୟତା ଲାଗି ଟିଏସ୍‌ସି ମାଧ୍ୟମରେ ସୁପାରିଶ କରାଯିବାକୁ ସେ ନାପସନ୍ଦ କରିଥିଲେ। ଏହି ଖବରଦାତା ସମ୍ମିଳନୀରେ ଜିଲା ଜନଜାତି ସୁରକ୍ଷା ମଞ୍ଚର ଜିଲା ସଂଯୋଜକ ରାଜମନ ଭତ୍ରା, ଜିଲା ଜନଜାତି ସୁରକ୍ଷା ମଞ୍ଚର ଉପସଭାପତି ରତନ ମାଝି, ସମ୍ପାଦକ ଲକ୍ଷ୍ମଣ ମାଝି, ଉପଦେଷ୍ଟା ମଣିରାମ ଗଣ୍ଡ ଓ ଶଶୀଧର ମାଝି, ଡାବୁଗାଁ ବ୍ଲକ ଭତରା ସମାଜ ସଭାପତି ମୋହନ ନାୟକ, ମୋହନ ସିଂ ଗଣ୍ଡ, ଦୟାନିଧି ବଞ୍ଜାରା, ହିରେଣ୍ୟ ମାଝିଙ୍କ ସହ ଜିଲାର ୧୩ଟି ଜନଜାତି ସମ୍ପ୍ରଦାୟର ଜିଲା ସଭାପତିମାନେ ଉପସ୍ଥିତ ଥିଲେ।

# ଯୁବକଙ୍କୁ ହତ୍ୟା ମାମଲା, ମୁଖ୍ୟ ଅଭିଯୁକ୍ତ ଗିରଫ

ଜୟପୁର, ୬।୯ (ପବନ ପାଣିଗ୍ରାହୀ)



ଫାଇନାନ୍ସ ଟଙ୍କା କିସ୍ତି ନ ବାନ୍ଧିବାରୁ ଜଣେ ଯୁବକଙ୍କୁ ହତ୍ୟା ମାମଲାରେ ଜୟପୁର ଟାଉନଥାନା ପୋଲିସ ବୁଧବାର ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ବୈପାରିଗୁଡା ବ୍ଲକ କଦମଗୁଡା ଗ୍ରାମର ପ୍ରତ୍ୟୁଷକାନ୍ତ ଦାସ (୨୫)। ଫାଇନାନ୍ସ ଟଙ୍କା କିସ୍ତି ନ ବାନ୍ଧିବାରୁ ସେ ଜୟପୁର ଭେଟନାରି କଲୋନୀର ବିପିନ ବାହାଦୁରଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଗତ ୧୨ ତାରିଖରେ ସେ ଡ୍ୟୁଟିକୁ ଯାଉଥିବା ବେଳେ ରିଂରୋଡ ସ୍ଥିତ ମହାଦେବ ଷ୍ଟକୟାର୍ଡ ନିକଟରେ ପ୍ରତ୍ୟୁଷକାନ୍ତଙ୍କୁ ଆକ୍ରମଣ କରାଯାଇଥିଲା। ଏଥିରେ ସେ ଗୁରୁତର ହୋଇପଡିଥିଲେ। ତାଙ୍କୁ ପ୍ରଥମେ ଜୟପୁର ଜିଲା ମୁଖ୍ୟ ଚିକିତ୍ସାଳୟ ପରେ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧିନ ଅବସ୍ଥାରେ ଗତ ୧୪ ତାରିଖରେ ବିପିନଙ୍କ ମୃତ୍ୟୁ ହୋଇଥିଲା।

ଭେଟନେରି କଲୋନୀର ବିପିନ (୪୨)ଙ୍କ ଭାଇ ଯକ୍ଷ ବାହାଦୁର ଏକ ଆଲଟୋ କାର ଫାଇନାନାନ୍ସରେ ଆଣିଥିଲେ। ଉକ୍ତ କାରକୁ ବିପିନ ଚଲାଉଥିଲେ। ଟାଟା ଫାଇନାନ୍ସରୁ ଆସିଥିବା ଉକ୍ତ କାରର ୧୨ଟି କିସ୍ତି ବନ୍ଧା ହୋଇ ନ ଥିଲା। ଏନେଇ କମ୍ପାନୀ ଏଜେଣ୍ଟ ପ୍ରତ୍ୟୁଷକାନ୍ତଙ୍କ ସହ ବିପିନଙ୍କ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ପ୍ରତ୍ୟୁଷକାନ୍ତ ବିପିନଙ୍କୁ ଛୁରିରେ ଆକ୍ରମଣ କରଥିଲେ। ଟାଉନ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ୨୩୬/୨୩ରେ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପ୍ରତ୍ୟୁଷକାନ୍ତଙ୍କୁ ବାମୁଣି ଗାଁରୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ସେତେବେଳେ କହିଥିଲେ। ପ୍ରତ୍ୟୁଷକାନ୍ତଙ୍କୁ ଗିରଫ କରିବାକୁ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ଗତ ୨୪ ତାରିଖରେ ଟାଉନ ଥାନା ଘେରାଉ କରିଥିଲେ। ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପୋଲିସ ୭ଦିନ ସମୟ ନେଇଥିଲା।

# ଦ୍ୱିତୀୟ ଦୈନିକ ବଜାରର ବିକାଶହେବ: ନିର୍ବାହୀ ଅଧିକାରୀ

ଜୟପୁର, ୬।୯ (ପବନ ପାଣିଗ୍ରାହୀ)

ଜୟପୁର ସହରର ଦ୍ୱିତୀୟ ଦୈନିକ ବଜାରର ହେବ ବିକାଶ । ଏନେଇ ମଙ୍ଗଳବାର ଜୟପୁର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, କନିଷ୍ଠଯନ୍ତ୍ରୀ ପ୍ରତାପ ଆଚାର୍ଯ୍ୟ, ଜମାଦାର ପି.ଜଗଦିଶ ରାଓ ପ୍ରମୁଖ ଦୈନିକ ବଜାର ଯାଇ ସମୀକ୍ଷା କରିଛନ୍ତି । ଏହି ଅବସରରେ ଅଧିକାରୀମାନେ ଦ୍ୱୀତିୟ ଦୈନିକ ବଜାର ସମ୍ମୁଖରେ ୩୫ ଲକ୍ଷ ଟଙ୍କା ବ୍ୟୟରେ ହେବାକୁ ଥିବା ଭେଣ୍ଡିଂ ଜୋନ କାର୍ଯ୍ୟର ସମୀକ୍ଷା କରିଥିଲେ। ରାସ୍ତା ପାର୍ଶ୍ୱରେ ବସି ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କୁ ଏଠାରେ ଥଇଥାନ କରାଯିବ। ବଜାରରେ ଥିବା ପିଣ୍ଡିର ବିକାଶ ସହ ଜଗନ୍ନାଥ ସାଗର ତଟରେ ଥିବା ବିଜୁ ଭେଣ୍ଡିଂ ଜୋନର ମଧ ବିକାଶ ହେବ ବୋଲି ନିର୍ବାହୀ ଅଧିକାରୀ ପଟ୍ଟନାୟକ ସୂଚନା ଦେଇଛନ୍ତି ।

# ଗୁରୁ ଦିବସରେ ସମ୍ମାନିତ ହେଲେ ଶିକ୍ଷକ

ପଟ୍ଟାଙ୍ଗି,୬।୯(ଶରତ ଧଳ)

## ପଟ୍ଟାଙ୍ଗି ବ୍ଲକ୍

ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଗୁରୁଦିବସରେ ସମ୍ମାନିତ କରିବା ନେଇ ଗଠିତ ଚୟନ କମିଟିରେ ଅନିୟମିତତା ହୋଇଥିବା ଅଭିଯୋଗ ହେଉଛି। ଶିକ୍ଷକ ସଂଘ ନିକଟରେ କର୍ମକର୍ତ୍ତାମାନେ ଅଭିଯୋଗ ଉଠାଇ କହିଛନ୍ତି ଯେ, ଦୀର୍ଘମାସ ଧରି କେତେ ଜଣ ଶିକ୍ଷକ ବିଦ୍ୟାଳୟକୁ ଯାଉନାହାନ୍ତି। ସେମାନଙ୍କ ଛାତ୍ରୀଛାତ୍ରଙ୍କ ସହ ପାଠ ସହ ଆଦୌ ସମ୍ପର୍କ ରହୁନାହିଁ। ଏପରିସ୍ଥଳେ ସେମାନଙ୍କୁ ସମ୍ମାନିତ କରାଯାଉଥିବା ବେଳେ ଯେଉଁମାନେ ନିୟମିତ ବିଦ୍ୟାଳୟକୁ ଯାଇ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରୁଛନ୍ତି ସେହି ଶିକ୍ଷକମାନଙ୍କୁ ଅବହେଳା କରାଯାଉଛି ବୋଲି ସଂଘ ମାଧ୍ୟମରେ ଶିକ୍ଷକମାନେ ଅଭିଯୋଗ କରିଛନ୍ତି।

ଖବରରୁ ଜଣାପଡିଛି, ଗୁରୁ ଦିବସ ଅବସରରେ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ସମ୍ମାନିତ କରିବା ଲାଗି ପଟ୍ଟାଙ୍ଗିରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ୧୨ଟି କ୍ଲଷ୍ଟରରୁ ୨୪ ଜଣ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସିଆରସିସିଙ୍କ ମାଧ୍ୟମରେ ଚିହ୍ନଟ କରାଯାଇ ସମ୍ମାନିତ କରିବାକୁ ନିଷ୍ପତ୍ତି ହୋଇଥିଲା। ପରେ ଏଥିରେ ପରିବର୍ତ୍ତନ କରାଯାଇଥିଲା। ଏହି ପରିବର୍ତ୍ତନ ସମ୍ପର୍କରେ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଅବଗତ କରାଗଲାନାହିଁ। ଏପରି କ୍ଷେତ୍ରରେ କେତେ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଅଭିଯୋଗ କରିଛନ୍ତି ଯେ, କେତେ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଅଛନ୍ତି ଯେଉଁମାନେ କାର୍ଯ୍ୟ କରୁଥିବା ବିଦ୍ୟାଳୟକୁ ଗୋଟିଏ ଦିନ ମଧ ନ ଯାଇ ନାହାନ୍ତି କି ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରିନାହାନ୍ତି। ସେହିପରି ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପବିତ୍ର ଗୁରୁଦିବସରେ ସମ୍ମାନିତ କରାଯିବା ପରେ ଏବେ ଏହାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରି ଏକପାଖିଆ ଚୟନକୁ ଶିକ୍ଷୟିତ୍ରୀ ଶିକ୍ଷକମାନେ ନାପସନ୍ଦ କରିଛନ୍ତି । ପ୍ରଶାସନ ଏଥିରୁ ଦୂରେଇ ରହି ଯୋଗ୍ୟ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସମ୍ମାନିତ କରିବା ଶିଖୁ ବୋଲି ବିଇଓ ଡି. ମିନତିଙ୍କ ନିକଟରେ କେତେକ ଶିକ୍ଷୟିତ୍ରୀ ଶିକ୍ଷକ ପ୍ରକାଶ କରିଛନ୍ତି।

# ବାଲିଯାତ୍ରା ନେଇ ପ୍ରସ୍ତୁତି ବୈଠକ

ବୈପାରିଗୁଡ଼ା,୬।୯ (କଳ୍ପତରୁ ମହାନ୍ତି)

ବୁଧବାର ସ୍ଥାନୀୟ ପାଠାଗାରଠାରେ ବାଲିଯାତ୍ରା ଆୟୋଜନକୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସରପଞ୍ଚ ସୂର୍ଯ୍ୟମଣି ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନଏବ ସରପଞ୍ଚ ଶୁସାନ୍ତ ସାହୁ ,ପୂର୍ବତନ ସରପଞ୍ଚ ଭାଗୀରଥି ମୁର୍ଜିଆ ,ବରିଷ୍ଠ ନାଗରିକ ଘାସିରାମ ଗୌଡ, ପଦ୍ମନ ଗୌଡ, ହରିହର ନାୟକ ପ୍ରମୁଖ ଉପସ୍ଥିତ ରହି ବାଲିଯାତ୍ରା ସମ୍ପର୍କରେ ଆଲୋଚନା କରିଥିଲେ। ଯୋଗାଣ ସହାୟକ ମଧୁସୁଦନ ରାଉତ ପରିଚାଳନା କରିଥିଲେ। ଆସନ୍ତା ମାସ ୬ ତାରିଖରେ ବାଲିଯାତ୍ରା ପାଳନ କରାଯିବାକୁ ଦିନ ଧାର୍ଯ୍ୟ ହୋଇଛି। ଯାତାକୁ ଶାନ୍ତି ଶୃଙ୍ଖଳାର ସହ ପାଳନ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ସୂଚନାଯୋଗ୍ୟ, ଉକ୍ତ ଅଞ୍ଚଳରେ ବାଲିଯାତ୍ରା ଏକ କୃଷିଭିତ୍ତିକ ପର୍ବ।


ବାଲିଯାତ୍ରା ନେଇ ବସିଥିବା ବୈଠକ।

# ଭତ୍ତାରୁ ବଞ୍ଚିତ ୮ ହିତାଧିକାରୀଙ୍କ ଚଳିବା କଷ୍ଟକର

ଦଶମନ୍ତପୁର, ୬।୯ ( ଅରବିନ୍ଦ ନାୟକ )

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକରେ କେତେଜଣ ଯୋଗ୍ୟ ହିତାଧିକାରୀ ଭତ୍ତା ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ସେମାନଙ୍କ ପାଖରେ ଆବଶ୍ୟକ କାଗଜପତ୍ର ଥିଲେ ମଧ ଭତ୍ତା ପାଇପାରୁନାହାନ୍ତି। ବ୍ଲକର ପିଣ୍ଡାପଦର ପଞ୍ଚାୟତ ଲୋରେସ ଗ୍ରାମର ୮ ଜଣ ବୃଦ୍ଧାବୃଦ୍ଧ ଅଞ୍ଜିବତୀ ସାଉଁନ୍ତା, ଡମାଇ କମାର, ଝିମ ସାଉଁନ୍ତା, ସୁଭଦ୍ରା କମାର, ଦୟା ଜାନି, ଜାଲ ଜାନି, ଭିନ୍ନକ୍ଷମ ମାଣିକ ଜାନି, ଗୁପ୍ତ ସାଉଁନ୍ତା ଏଯାଏ ଭତ୍ତା ପାଇ ନ ଥିବା ଜଣାପଡିଛି। ଏଥିସହ ଏହି ହିତାଧିକାରୀମାନେ ସରକାରଙ୍କ ପରିବାର ମଙ୍ଗଳ ଯୋଜନାରୁ ମଧ କିଛି ସହାୟତା ପାଇନାହାନ୍ତି। ଏହି ହିତାଧିକାରୀମାନେ ବହୁ କଷ୍ଟରେ ବ୍ଲକ କାର୍ଯ୍ୟାଳୟକୁ ଆସି ଆବଶ୍ୟକ କାଗଜପତ୍ର ଦେଇଥିଲେ ମଧ୍ୟ ସେଥିରୁ କିଛି ସୁଫଳ ପାଇନାହାନ୍ତି। ସମସ୍ତଙ୍କ ବୟସ ୬୦ରୁ ଅଧିକ ଟପିଲାଣି। ଆଉ କୁଲି କାମ କରିପାରୁନାହାନ୍ତି। ଏପରିସ୍ଥଳେ ଏମାନଙ୍କ ଅସହାୟତାର ସୁଯୋଗ ନେଇ କେତେଜଣ ଅସାଧୁ ବ୍ୟକ୍ତି ଭତ୍ତା କରାଇ ଦେବେ କହି ସେମାନଙ୍କଠାରୁ ଟଙ୍କା ଠକି ନେଇଥିବା ହିତାଧିକାରୀମାନେ ଅଭିଯୋଗ କରିଛନ୍ତି। ଭତ୍ତା ଟଙ୍କା ଗଣ୍ଡାକ ସେମାନଙ୍କ ଭରସା ହୋଇଥିବା ବେଳେ ତାହା ମଧ ଠିକ୍ ରୂପେ ମିଳୁ ନ ଥିବାରୁ ନିଜେ ଚଳିବାରେ ସେମାନେ ନାହିଁ ନ ଥିବା ହଇରାଣ ହେଉଥିବା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସରପଞ୍ଚ ନବୀନ ମୁଦୁଲିଙ୍କୁ ପଚାରିବାରୁ ସେ ଏହି ବୃଦ୍ଧାବୃଦ୍ଧ ହିତାଧିକାରୀଙ୍କ ଭତ୍ତା ବ୍ୟବସ୍ଥା ନେଇ ପଦକ୍ଷେପ ନେବେ ବୋଲି କହିଛନ୍ତି।


ଭତ୍ତା ପାଇ ନ ଥିବା ହିତାଧିକାରୀ।

